ଧରିତ୍ରୀ
DHARITRI
April 12-18, 2026 ₹ 2/-

ଧରିତ୍ରୀ DHARITRI 52 Years

# ଛୁଟିଦିନ



# ଭରସା


ପ୍ରଚ୍ଛଦ ପ୍ରସଙ୍ଗ

୩

କାହାର ନିଜର ବୋଲି କେହି ନାହାନ୍ତି ତ ଆଉ କାହାକୁ ନିଜ ଲୋକ ପର କରି ରାସ୍ତା କଡ଼ରେ ଅସହାୟ ଭାବେ ବଞ୍ଚିବାକୁ ଛାଡ଼ି ଦେଇଛନ୍ତି। ଏହି ଅସହାୟ ଲୋକଙ୍କର ଭରସା ସାଜିଥିବା କିଛି ମଣିଷଙ୍କ କଥା...



# ସ୍ୱାସ୍ଥ୍ୟୋପଯୋଗୀ ତରଭୁଜ



ତରଭୁଜ ଏମିତି ଏକ ଫଳ, ଯେଉଁଥିରେ ଲାଇକୋପିନ୍‌ର ମାତ୍ରା ପ୍ରଚୁର ଥିବା ଯୋଗୁ ତ୍ୱଚାରେ ଚମକ ଆଣିବାରେ ଏହା ବିଶେଷ ସହାୟକ ହୋଇଥାଏ। ସେହିପରି ଏଥିରେ ଭିଟାମିନ୍-ଏ ରହିଥିବାରୁ ଏହା ଦୃଷ୍ଟିଶକ୍ତି ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମଧ୍ୟ ଲାଭଦାୟକ ହୋଇଥାଏ। ଖରାଦିନେ ତରଭୁଜ ଜୁସ୍ ପିଇଲେ ପେଟ ସହ ମସ୍ତିଷ୍କ ମଧ୍ୟ ଥଣ୍ଡା ରହିଥାଏ; ଯଦ୍ୱାରା କ୍ରୋଧ ନିୟନ୍ତ୍ରଣରେ ରୁହେ। ହୃତପିଣ୍ଡ ସମ୍ବନ୍ଧୀୟ ରୋଗରୁ ଉପଶମ ଦେବାରେ ମଧ୍ୟ ତରଭୁଜ ବହୁତ ଉପକାରୀ ହୋଇଥାଏ। ସେହିପରି ଏହାକୁ ନିୟମିତ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଶରୀରରେ ରକ୍ତର ପରିମାଣ ବୃଦ୍ଧି ହୋଇଥାଏ। ତରଭୁଜକୁ କେବଳ ଖାଇଲେ ହେବ ତାହା ନୁହେଁ, ଏହାକୁ ତ୍ୱଚାରେ ମସାଜ୍ କଲେ ବ୍ଲାକ୍‌ହେଡ୍ସ କମିବା ସହ ଚେହେରାରେ ଚମକ ଆସିଥାଏ। ଏହାର ମଞ୍ଜି ବି ବହୁତ ଲାଭଦାୟକ। ଏହାକୁ ବାଟି ତ୍ୱଚାରେ ଲଗାଇଲେ ଚମକ ବୃଦ୍ଧି ପାଇବା ସହ ମୁଣ୍ଡ ବିନ୍ଧା ସମସ୍ୟାରୁ ବି ମୁକ୍ତି ମିଳିଥାଏ। ସବୁଠୁ ବଡ଼ କଥା ହେଉଛି, ଶରୀରର ମୋଟାପଣ କମ୍ କରିବାରେ ତରଭୁଜକୁ ଏକ ପୌଷ୍ଟିକ ଫଳ ଭାବେ ବିବେଚନା କରାଯାଇଥାଏ।

## ବାସ୍ତୁ ଅନୁସାରେ ଶୌଚାଳୟ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଦକ୍ଷିଣ କିମ୍ବା ଦକ୍ଷିଣ-ପଶ୍ଚିମ କୋଣରେ ଶୌଚାଳୟ ରହିବା ଶୁଭ ହୋଇଥାଏ। ଏହାଦ୍ୱାରା ଘର ଉପରେ ଅନେକ ସୁ-ପ୍ରଭାବ ପଡିଥାଏ ବୋଲି ବିଶ୍ୱାସ ରହିଛି। ତେବେ ଅନ୍ୟ କୌଣସି ଦିଗରେ ଶୌଚାଳୟ କଲେ କ'ଣ ସବୁ ସମସ୍ୟା ଉପୁଜିବାର ଆଶଙ୍କା ରହିଛି ଜାଣିବା ସେ ସମ୍ପର୍କରେ...**

✲କୁହାଯାଏ, ଘରର ପୂର୍ବ ଦିଗରେ ଶୌଚାଳୟ ଥିଲେ ପରିବାର ସଦସ୍ୟଙ୍କୁ ସବୁବେଳେ ଥକ୍କାପଣ ଅନୁଭବ ହୋଇଥାଏ। ତା'ସହିତ ସମ୍ପର୍କରେ ମଧ୍ୟ



ଫାଟ ସୃଷ୍ଟି ହେବାର ଆଶଙ୍କା ଦେଖାଯାଇଥାଏ।

✲ ଦକ୍ଷିଣ-ପଶ୍ଚିମ କୋଣରେ ଶୌଚାଳୟ ଗଢିହେବ କିନ୍ତୁ ପଶ୍ଚିମ ଦିଗରେ ଶୌଚାଳୟ ରହିବା ଆଦୌ ଭଲ ନୁହେଁ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହାଦ୍ୱାରା ଘରେ ଅଶାନ୍ତି ଉପୁଜିଥାଏ ବୋଲି କୁହାଯାଏ।

✲ ସେହିପରି ଉତ୍ତର ଦିଗରେ ଶୌଚାଳୟ ରହିବା ଠିକ୍ ନୁହେଁ। କୁହାଯାଏ, ଏହି ଦିଗରେ ଶୌଚାଳୟ ରହିଲେ ଘରର ସଦସ୍ୟଙ୍କ ରୋଜଗାର ଉପରେ ଏହାର କୁ-ପ୍ରଭାବ ପଡିଥାଏ। ଯଦ୍ୱାରା ଧନହାନି ହେବାର ଆଶଙ୍କା ଉପୁଜିଥାଏ।

✲ଶୌଚାଳୟ ପାଇଁ ଉତ୍ତର-ପୂର୍ବ କୋଣ ମଧ୍ୟ ଠିକ୍ ନୁହେଁ। ଏହାର ପ୍ରଭାବ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡିଥାଏ ବୋଲି ବିଶ୍ୱାସ କରାଯାଏ।

✲ଏଥିସହିତ ଧ୍ୟାନ ରଖିବେ, ଶୌଚାଳୟ କେବେ ବି ଭୂଲ୍‌ରେ ଯେମିତି ରୋଷେଇ ଘରର ସମ୍ମୁଖରେ ନଥିବ, କାରଣ ଏହାଦ୍ୱାରା ଘରେ ଅଭାବ ଅନଟନ ଲାଗି ରହିବ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଏପ୍ରିଲ ୧୨-୧୮, ୨୦୨୬**

**ମେଷ**
କାର୍ଯ୍ୟସିଦ୍ଧି, ମାନସିକ ସୁସ୍ଥତା, ପରିଜନଙ୍କ ସହାନୁଭୂତି, ସରକାରୀ ସହାୟତା, ପାରିବାରିକ ମତାନ୍ତର, ବିବାଦର ସମାଧାନ, ବ୍ୟବସାୟରେ ଉନ୍ନତି, ଜମିଜମା ରେଜିଷ୍ଟ୍ରେସନ, ବନ୍ଧୁଙ୍କ ସାହାଯ୍ୟ, ଭ୍ରମଣର ସୁଯୋଗ,ଆରୋଗ୍ୟ ଲାଭ ॥

**ବୃଷ**
ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ପରିବହନରୁ ଲାଭ, ପ୍ରତିବନ୍ଧକ ଦୂର ହେବ, ବାଣିଜ୍ୟରେ ଅଭିବୃଦ୍ଧି, ପଡୋଶୀଙ୍କ ଅପପ୍ରଚାର, ପରୋକ୍ଷ ଶତ୍ରୁତା, ଗବେଷଣାରେ ଅଗ୍ରଗତି, ରଚନାତ୍ମକ କାମରୁ ପ୍ରଶଂସା, ବନ୍ଧୁଙ୍କ ପ୍ରତାରଣା।। କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି ॥

**ମିଥୁନ**
ନୂତନ ବନ୍ଧୁତ୍ୱର ବନ୍ଧନ, ବସ୍ତ୍ରାଳଙ୍କାରପ୍ରାପ୍ତି, ପାରିବାରିକ ଶାନ୍ତି, ସଙ୍ଗୀତ ଚଳଚ୍ଚିତ୍ରରୁ ପ୍ରଶଂସା, ରାଜନୈତିକ ବିବାଦ, ସଭାସମିତିକୁ ଆହ୍ୱାନ, କାର୍ଯ୍ୟହାନୀରୁ କ୍ଷୋଭ, ଯାନ୍ତ୍ରିକତ୍ରୁଟିରୁ ଯାତ୍ରାହାନୀ, କଚେରୀ ମାମଲାରେ ବାଇଦା ॥

**କର୍କଟ**
ବନ୍ଧୁମିଳନରୁ ଆନନ୍ଦ, ସୁସ୍ଥ ମାନସିକତା, ପାରିବାରିକ ଶୃଙ୍ଖଳା, ସହକର୍ମୀଙ୍କ ଅସହଯୋଗ, ଅର୍ଥନୈତିକ ବିବାଦ, ନୂତନ ପ୍ରକଳ୍ପାରମ୍ଭ, ପଦସ୍ଥବ୍ୟକ୍ତିଙ୍କ ସହଯୋଗ, ବ୍ୟବସାୟ ସଙ୍କୁଚିତ।।

**ସିଂହ**
ମାନସିକ ଦୁଃଶ୍ଚିନ୍ତା, ବନ୍ଧୁଙ୍କ ମିଥ୍ୟାଭିଯୋଗ, ଶିଳ୍ପବାଣିଜ୍ୟର ଅଭିବୃଦ୍ଧି, ଶେୟାରବଜାରରେ ଉନ୍ନତି, ନିର୍ମାଣ କାର୍ଯ୍ୟରେ କଳହ, ମାଲିମକଦ୍ଦମାରେ ବିଜୟ, ସନ୍ତାନଙ୍କ ବୈବାହିକ ସମସ୍ୟା, ପଡୋଶୀଙ୍କ ଅସହିଷ୍ଣୁ ବାକ୍ୟାଳାପ ॥

**କନ୍ୟା**
ସ୍ଥଗିତ କାର୍ଯ୍ୟାରମ୍ଭ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ପରୀକ୍ଷାରେ ସଫଳତା, ସାହିତ୍ୟ କୃତିରୁ ପ୍ରଶଂସା, ଗବେଷଣାରେ ପ୍ରତିବନ୍ଧକ, ବିଦେଶଯାତ୍ରାର ସୁଯୋଗ, ଆଇନ ସହାୟତା ପାଇବେ, ଚୁକ୍ତିପତ୍ର ସମ୍ପାଦନ, ସଭାସମିତକୁ ନିମନ୍ତ୍ରଣ, ଅପ୍ରିୟସତ୍ୟ ଭାଷଣରୁ ବିତର୍କ ।

**ତୁଳା**
ଶାରୀରିକ ଅସୁସ୍ଥତା, ନିର୍ଭରଶୀଳ ରହିବେ, ନୂତନଯାନ୍ତ୍ରିକ ଜିନିଷ କ୍ରୟ, ଲେଖାପଢାରେ କୁଶଳ, ଆନୁଷ୍ଠାନିକ କାମରୁ ପ୍ରଶଂସା, ଦୂରଯାତ୍ରାର ପ୍ରସ୍ତୁତିକରଣ, କ୍ରୀଡାରେ ଉତ୍କର୍ଷତା, ରୋଗପୀଡା କମିବ, ଆର୍ଥିକ ଦୂରବସ୍ଥା, ଭ୍ରାତୃସମ୍ପର୍କରେ ଉନ୍ନତି, ବ୍ୟାଙ୍କ ଲୋନ୍ କରିପାରନ୍ତି ॥

**ବିଛା**
ଆତ୍ମୀୟଙ୍କ ଆତ୍ମୀୟତା, ଅଧସ୍ତନଙ୍କ ଅନୁରକ୍ତି, କର୍ମକ୍ଷେତ୍ରରେ ବିବାଦ, ପଡୋଶୀଙ୍କ ଅସହିଷ୍ଣୁତା, ବ୍ୟବସାୟରେ ଉନ୍ନତି, ରାଜନୈତିକ ଆଲୋଚନା, ପରିବହନରେ ବିବାଦ, ନୂତନ ପ୍ରକଳ୍ପାରମ୍ଭ, ମକଦ୍ଦମାର ଫଇସଲା, ପ୍ଲଟିଙ୍ଗ୍ କାରବାରରୁ ଲାଭ ॥

**ଧନୁ**
ବିରୋଧୀଙ୍କ ପ୍ରାବଲ୍ୟ, ଅନୈତିକ ଚିନ୍ତା, ମାନସିକ ଅସ୍ଥିରତା, ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ସମ୍ମାନ, ସଙ୍ଗୀତ ଆସରର ଆୟୋଜନ, ଭ୍ରମଣର ଯୋଜନା, ପିଲାଙ୍କ ବିଶୃଙ୍ଖଳା, ସହକର୍ମୀଙ୍କ ସହୃଦୟତା, କରଜଦାତାଙ୍କ କଟୁକ୍ତି, ବନ୍ଧୁ ସମ୍ପର୍କରେ ଫାଟ ॥

**ମକର**
ଅର୍ଥର ପ୍ରାଚୁର୍ଯ୍ୟ, ବିବାଦରେ ବିଜୟ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ନୂତନ ଯୋଜନାରମ୍ଭ, ସାଂଗଠନିକ ସଭା, ଗୃହସୀମାରେ ବିବାଦ, ନୂତନଅଫର୍ ପାଇବେ, ମନୋରଞ୍ଜନର ସୁଯୋଗ, କ୍ରନିକ୍ ରୋଗରେ ପୀଡା, ସାମାଜିକ ପ୍ରତିଷ୍ଠାପ୍ରାପ୍ତି, ବିଦେଶସ୍ଥ ସନ୍ତାନଙ୍କ ସମସ୍ୟା ॥

**କୁମ୍ଭ**
କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ବିବାଦର ଫଇସଲା, ଆର୍ଥିକ ପ୍ରଗତି, ନୂତନ ଗୃହାରମ୍ଭ, ବ୍ୟବସାୟିକ ଉତ୍କର୍ଷତା, ବନ୍ଧୁମାନଙ୍କ ପ୍ରଶଂସା, ସରକାରୀ ସହାୟତା, ପରୀକ୍ଷାରେ ସଫଳତା, ଅନୁସନ୍ଧାନରେ ସଫଳତା, ଆତ୍ମୀୟଙ୍କ ବେଖାତିର, ପରିସ୍ଥିତି ବଦଳିବ ॥

**ମୀନ**
କର୍ମଦକ୍ଷତାରୁ ପ୍ରଶଂସା, ଆତ୍ମୀୟଙ୍କ ଅପପ୍ରଚାର, ଅର୍ଥାଭାବରୁ କାର୍ଯ୍ୟହାନୀ, ପରିବାରରେ ପକ୍ଷପାତିତା, ସମ୍ପର୍କହାନୀରୁ କ୍ଷୋଭ, ପରୋକ୍ଷ ଶତ୍ରୁତା, ପ୍ରତିଯୋଗୀତାରେ ସଫଳତା, ସ୍ୱାସ୍ଥ୍ୟରେ ଉନ୍ନତି, ଗୁରୁଜନଙ୍କ ପରାମର୍ଶ, ଶାସ୍ତ୍ରୀୟ ସଙ୍ଗୀତରୁ ସୁନାମ ॥

## ପାଠକୀୟ

✲ ସୋସିଆଲ ମିଡ଼ିଆ ଖୋଲୁ ଖୋଲୁ ଆସିଯାଏ ଏମାନଙ୍କ ଭିଡ଼ିଓ। ଓଠରେ ଆପେ ଫୁଟି ଉଠେ ହସ। କିଛି ସମୟ ପାଇଁ ଉଭେଇଯାଏ ଯେତେସବୁ ଟେନ୍‌ସନ୍ ଓ ଷ୍ଟ୍ରେସ୍। ଘରେ ଘରେ ପରିଚିତ ସୋସିଆଲ ମିଡ଼ିଆର ଏଇ ହସ ବାଣ୍ଟୁଥିବା ମଣିଷମାନଙ୍କୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ସ୍ୱତନ୍ତ୍ର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇଥିଲା। **– ଜନ୍ମେଜୟ ପ୍ରଧାନ, ବଲାଙ୍ଗୀର**

✲ 'ସୋସିଆଲ ମିଡ଼ିଆ ହସ ବାଣ୍ଟୁଥିବା ମଣିଷ' ହେଲା ଏକ ନିଆରା ତଥା ମନଛୁଆଁ ଆଲେଖ୍ୟ। ଛୁଟିଦିନରେ ଏଭଳି ପ୍ରଚ୍ଛଦ ପ୍ରସଙ୍ଗଟି ପଢ଼ି ସେମାନଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ବହୁ ଅଜଣା କଥା ଜାଣିବାର ସୁଯୋଗ ପାଇଲି। 'ବାସ୍ତୁ ଅନୁଯାୟୀ ମାଛ ପେଣ୍ଟିଂ', 'କଳାଜାଇ କଥା' ଶୀର୍ଷକ ପାଠରୁ ବହୁ ଉପାଦେୟ କଥା ଜାଣି ଖୁସି ହେଲି।
**– ପ୍ରମୋଦିନୀ ସେଠୀ, ପୁରୀ**

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିଶୁ ସାହିତ୍ୟିକ ରବୀନ୍ଦ୍ରନାଥ ମାଝୀଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାର ସୁଯୋଗ ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ପାସ୍‌ୱାର୍ଡ' ଶୀର୍ଷକ ଗପଟି ପଢି ଖୁସି ହେଲି। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା। ଏଥିରେ ସ୍ଥାନିତ 'ପସନ୍ଦ ଥିଲା ପୁରୁଷ ଭୂମିକା', 'ସାହସୀ ଏଲିନା' ଆଦି ପାଠଗୁଡ଼ିକ ମନଛୁଆଁ ହୋଇଥିଲା। **– ଦେବେନ୍ଦ୍ର ସାହୁ, କଟକ**

✲ 'ଶିକ୍ଷା ଓ ନୃତ୍ୟ ସ୍ମୃତି ସମ୍ମାନ ଆରମ୍ଭ କଲେ ସୁଜାତା' ଶୀର୍ଷକ ପାଠଟି ପ୍ରେରଣାଦାୟୀ ହେବା ସହ ତଥ୍ୟପୂର୍ଣ୍ଣ ଥିଲା। ସାଥୀର ଉତ୍ତର ରୋମାଣ୍ଟିକ୍ ଭରା ଥିଲା। ପାଣି କେମିତି ଶରୀର ପାଇଁ ଅମୃତ ତାହା ଛୁଟିଦିନରୁ ପଢି ଜାଣିହେଲା।
**– ରଞ୍ଜନ ବିଶ୍ୱାଳ, ଫୁଲବାଣୀ**

✲ 'ସାନଖେମୁଣ୍ଡି' ପାଠଟି ବି ଏକ ତଥ୍ୟ ଭିତ୍ତିକ ଆଲେଖ୍ୟ ଥିଲା। ଉତ୍ତରାଖଣ୍ଡର ଭଓ୍ୱାଲି ସମ୍ପର୍କରେ ସହର ପୃଷ୍ଠାରୁ ବହୁ ଅଜଣା କଥା ଜାଣିହେଲା। 'ଏପ୍ରିଲ୍ ଫୁଲ୍ସ ଡେ' ପଛର କଥା' ଶୀର୍ଷକ ପାଠଟି ବେଶ୍ ଶିକ୍ଷଣୀୟ ଥିଲା।
**– ସ୍ୱପ୍ନାମୟୀ ଦାଶ, କୋରାପୁଟ**

✲ ଚିନ୍ମୟ ଚିନ୍ତନ 'ସତରେ ସେତିକି ନିଷ୍ଠା ଅଛି କି' ଶୀର୍ଷକ ପାଠଟି ଶିକ୍ଷଣୀୟ ଥିଲା। 'କୁକୁର ପିନ୍ଧିବେ ଜୋତା', 'ଶାମୁକା କାରିଗରି' ଆଦି ପାଠଗୁଡ଼ିକ ଆଶ୍ଚର୍ଯ୍ୟକର ହେବା ସହ ପଢିବାକୁ ନିଆରା ଲାଗୁଥିଲା।
**– ମୌସୁମୀ ମହାନ୍ତି, ଜଟଣୀ, ଖୋର୍ଦ୍ଧା**

ଛୁଟିଦିନ ପାଇଁ ଲେଖା ଓ ଚିଠି ପଠାଇବାର ଇ-ମେଲ୍ ଠିକଣା:
chhutidinadharitri@gmail.com

## ବିଶେଷ ଚିଠି



ଗୁଡ଼ାଏ ଅବସାଦକୁ ହତ୍ୟା କରି
ହସ ବାଣ୍ଟୁଥିବା ମଣିଷ ହସ ଦିଏ ଭରି।
'ବ୍ୟକ୍ତିତ୍ୱ' ପଢ଼ି ଗଲି ଜାଗି
ଶିଶୁ ସାହିତ୍ୟ ନିତ୍ୟାନ୍ତ ଉପଯୋଗୀ।
ସିନେମାରେ ଥିଲା ଅନେକ ରୋଚକ
ସାଥିଙ୍କ ଉତ୍ତର ଖୁବ ରୋମାଞ୍ଚକ।
'ଏପ୍ରିଲ ଫୁଲ୍ସ ଡେ' ପଛର କଥା
ଜାଣିପାରିଲି ମୁଁ ପଢ଼ି ବିବିଧା।
ଶାମୁକା କାରିଗରି ଥିଲା ନିଆରା ଆକର୍ଷଣୀୟ
ସୃଜନରେ ଗଳ୍ପ ଓ କବିତା ପ୍ରେରଣୀୟ।
**– ସୁନିଲ କୁମାର ବେହେରା**
**ମଦାରୀ, ବାସୁଦେବପୁର, ଭଦ୍ରକ,**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଭରସା


ଲକ୍ଷ୍ମୀ ଗୌତମ

**କାହାର ନିଜର ବୋଲି କେହି ନାହାନ୍ତି ତ ଆଉ କାହାକୁ ନିଜ ଲୋକ ପର କରି ରାସ୍ତା କଡ଼ରେ ଅସହାୟ ଭାବେ ବଞ୍ଚିବାକୁ ଛାଡ଼ି ଦେଇଛନ୍ତି। ଏହି ଅସହାୟ ଲୋକଙ୍କ ଏବେ ଆଶା ଭରସା ସାଜିଥିବା କିଛି ବ୍ୟକ୍ତିମାନଙ୍କର କଥା ଏଥରର ପ୍ରଚ୍ଛଦରେ...**

ଅସହାୟ ଲୋକଙ୍କ ଦୁଃଖ ଏମାନଙ୍କ ଆଖିରେ ଯାଏନା। ରକ୍ତ ସମ୍ପର୍କର ନ ହେଲେ ବି ତାଙ୍କ ଅସହାୟତାକୁ ଏମାନେ ମର୍ମେ ମର୍ମେ ଅନୁଭବ କରିଛନ୍ତି। ଆଉ ତାଙ୍କ ନିମନ୍ତେ କିଛି ସ୍ଥାୟୀ ବ୍ୟବସ୍ଥା କରିବାକୁ ଚିନ୍ତା କରି ସେ ଦିଗରେ ଏବେ ବି ଆଗେଇ ଚାଲିଛନ୍ତି। ଯେଉଁଥିପାଇଁ ସମାଜ ଏମାନଙ୍କୁ ଅସହାୟଙ୍କ ଭରସା ବୋଲି କହୁଛି। ସେମିତି କେତେଜଣ ଅସହାୟଙ୍କ ସାହା ଭରସା ସାଜିଥିବା ବ୍ୟକ୍ତିଙ୍କ ସମ୍ପର୍କରେ...

**ବିଧବାଙ୍କ ଭରସା ଲକ୍ଷ୍ମୀ ଗୌତମ:** ପେସାରେ ସେ ଜଣେ ପ୍ରଫେସର ହେଲେ ନିଶା ତାଙ୍କର ବୃନ୍ଦାବନର ଗଳିକନ୍ଦି ବୁଲି ଅସହାୟ ବିଧବାଙ୍କୁ ଉଦ୍ଧାର କରି ସେମାନଙ୍କୁ ଥଇଥାନ କରିବା। ସେମାନଙ୍କୁ ପେଟଭରି ଖାଇବାକୁ ଦେବା, ପିନ୍ଧିବାକୁ ଲୁଗା ଦେବା ଆଉ ସବୁଠୁ ବଡ଼ କଥା ହେଉଛି ମୁଣ୍ଡ ଗୁଞ୍ଜିବାକୁ ସ୍ଥାୟୀ ଘରଟିଏ ଯୋଗାଇ ଦେବା। ଏଭଳି ମହତ୍ କାମ କରୁଥିବା ନାରୀ ଜଣଙ୍କ ହେଲେ **ଡ. ଲକ୍ଷ୍ମୀ ଗୌତମ**। ଉତ୍ତର ପ୍ରଦେଶର ପବିତ୍ର ତୀର୍ଥଭୂମି ବୃନ୍ଦାବନରେ ତାଙ୍କର ଜନ୍ମ। ବୃନ୍ଦାବନ ; ଯାହାକୁ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାକ୍ଷେତ୍ର ବୋଲି କୁହାଯାଏ। ଏଠାରେ ପ୍ରଭୁଙ୍କୁ ସମର୍ପିତ ଅନେକ ମନ୍ଦିର, ମଠ ଥିବାର ଦେଖାଯାଏ। ଯେଉଁଠାରେ ହଜାର ହଜାର ସଂଖ୍ୟାରେ ବିଧବାଙ୍କୁ ବି ଦେଖିବାକୁ ମିଳେ। ସେମାନଙ୍କ ମଧ୍ୟରୁ କେହି କେହି ଏଠାରେ ଥିବା ଆଶ୍ରମ ଓ ମଠରେ ଆଶ୍ରୟ ନେଇ ପ୍ରଭୁଙ୍କ ନାମକୀର୍ତ୍ତନ କରି ବାକି ଜୀବନ କାଟିବାକୁ ନିଷ୍ପତ୍ତି ନେଇ ଯାଇଥାନ୍ତି ତ ଆଉ କେହି କେହି ଅସହାୟ ଭାବେ ଏଣେତେଣେ ଘୂରି ବୁଲି ପେଟ ପୋଷିବାକୁ ଅନ୍ୟ ଆଗେ ହାତ ପାତିଥାନ୍ତି। ସେହିପରି ଆଉ କେହି କେହି ନିଜ ସମ୍ମାନକୁ ଜଗି କାହାକୁ କିଛି ନ କହି ପେଟର ଭୋକକୁ ପେଟରେ ମାରି ଏଠି ସେଠି ବସି ରହିଥାନ୍ତି। ଯିଏ ଯେଉଁ ଅବସ୍ଥାରେ ଥାଆନ୍ତୁ ନା କାହିଁକି, ସେମାନଙ୍କ ମୁହଁରୁ ପ୍ରଭୁଙ୍କ ନାମ ଛଡ଼ା ଆଉ କିଛି ଶୁଣିବାକୁ ମିଳେନି। କାରଣ ସେମାନେ ସଂସାରର ମୋହ ମାୟାକୁ ତ୍ୟାଗ କରି ପ୍ରଭୁଙ୍କ ଚରଣରେ ନିଜକୁ ସମର୍ପି ଦେଇଛନ୍ତି। ଏବେ ମନରେ ପ୍ରଶ୍ନ ଆସେ ଯେ, ବୃନ୍ଦାବନରେ ଏତେ ସଂଖ୍ୟାରେ ବିଧବା କେଉଁଠୁ ଆସୁଛନ୍ତି ? ଦିନ ଥିଲା, ବିଧବାଙ୍କ ପାଇଁ ଥିଲା ବହୁ କଟକଣା। ସବୁ ସୁଖସୁବିଧାରୁ ବଞ୍ଚିତ ଏହି ନାରୀଙ୍କ ଦିନରାତି କଟୁଥିଲା ଘର କୋଣରେ। କେଉଁଠି କେଉଁଠି ବିଧବା ନାରୀଙ୍କୁ ଲଣ୍ଡା କରାଯିବାର ବିଧି ବି ଥିଲା। ଧଳା ଶାଢ଼ି ପରିହିତା ଏହି ଅସହାୟ ନାରୀଙ୍କ ପାଇଁ ସୁଖ ସୁବିଧା ଯେପରି ସ୍ୱପ୍ନ ପାଲଟି ଯାଇଥିଲା। ଅନେକ କଟକଣାର ଯନ୍ତ୍ରଣାରୁ ବାହାରିବା ପାଇଁ କିଏ କିଏ ନିଜ ଇଚ୍ଛାରେ ଘରଛାଡ଼ି ପ୍ରଭୁଙ୍କ ଆଶ୍ରିତ ହେବାକୁ ବୃନ୍ଦାବନ ଚାଲି ଆସୁଥିଲେ ତ ଆଉ କାହାକୁ ପରିବାର ଲୋକେ ଆଣି ଏଠି ଛାଡି ଦେଇ ଯାଉଥିଲେ। ସେଥିପାଇଁ ବୃନ୍ଦାବନରେ ବିଧବାଙ୍କ ସଂଖ୍ୟା ବଢି ଚାଲିଲା ; ଯାହାକୁ ଲକ୍ଷ୍ୟ କରି ପରେ ସରକାରଙ୍କ ତରଫରୁ ସେମାନଙ୍କୁ ଥଇଥାନ କରିବାକୁ ଅନେକ ବ୍ୟବସ୍ଥା ମଧ୍ୟ କରାଗଲା। ହେଲେ ସବୁ ସୁବିଧା ସମସ୍ତଙ୍କ ଭାଗ୍ୟରେ ଜୁଟେନା। ଯେଉଁ ବିଧବା ନାରୀ ସୁବିଧା ପାଇଲେ ସେମାନେ ଟିକେ ଭଲରେ ରହିଲେ। ଆଉ ଯେଉଁମାନେ ସୁବିଧାରୁ ବଞ୍ଚିତ ହେଲେ ବୃନ୍ଦାବନର ଏଠି ସେଠି ପଡି ରହିଲେ। ଦେହ ଖରାପ ହେଲେ ତାଙ୍କୁ ପଚାରିବାକୁ କେହି ନ ଥିଲେ। ଏପରି କି କେହି କେହି ଅସହାୟ ଭାବେ ରାସ୍ତାରେ ମରି ପଡିଲେ ବି ସେମାନଙ୍କର ବିଧିବିଧାନରେ ଅନ୍ତିମ ସତ୍କାର ମଧ୍ୟ କେହି କରୁ ନଥିଲେ। ପିଲାବେଳୁ ଏସବୁକୁ ଲକ୍ଷ୍ୟ କରି ଆସୁଥିଲେ ଲକ୍ଷ୍ମୀ। ସମାଜର ଏହି କୁତ୍ସିତ ଚିନ୍ତାଧାରାକୁ ବଦଳାଇବାକୁ ସେ ବିରୋଧ ବି କରୁଥିଲେ। ହେଲେ ଛୋଟ ପିଲା ହୋଇଥିବାରୁ ତାଙ୍କ କଥାକୁ କେହି ଗୁରୁତ୍ୱ ଦେଉ ନ ଥିଲେ। କିନ୍ତୁ ଯେତେବେଳେ ଲକ୍ଷ୍ମୀ ପାଠପଢି ନିଜେ ରୋଜଗାର କଲେ, ସେତେବେଳେ ସେ ଆଉ କାହାରି କଟକଣାକୁ ଶୁଣିଲେ ନାହିଁ। ଅସହାୟଭାବେ ବଞ୍ଚି ରହିଥିବା ଏହି ବିଧବାମାନଙ୍କୁ ନିଜ ସାଧମତେ ସାହାଯ୍ୟ କରିବାକୁ ଅଣ୍ଟା ଭିଡ଼ିଲେ। କିଏ ଭୋକରେ ଥିଲେ ତାଙ୍କୁ ପେଟଭରି ଖାଇବାକୁ ଦେଲେ ତ କିଏ ରୋଗରେ ପଡି ଛଟପଟ ହେଉଥିଲେ ତାଙ୍କୁ ଔଷଧ ଯୋଗାଇ ଦେଉଥିଲେ। ଏମିତିକି କେଉଁଠି ବିଧବା ନାରୀଟିଏ ମରି ପଡିଥିବାର ଖବର ପାଇଲେ ତାଙ୍କର ବିଧିବିଧାନରେ ଅନ୍ତିମ ସତ୍କାର କରିବାକୁ ସଙ୍ଗେ ସଙ୍ଗେ ଯାଇ ପହଞ୍ଚି ଯାଉଥିଲେ। ପରେ ସେ ଏକ ସଂଗଠନ ଗଢିଲେ ଆଉ ତା'ସହିତ ଅସହାୟ ବିଧବା ନାରୀମାନେ ସମ୍ମାନର ସହ ରହିବା ପାଇଁ ବୃନ୍ଦାବନରେ ଏକ ଆଶ୍ରୟସ୍ଥଳ ବି କଲେ ; ଯାହାର ସମସ୍ତ ଖର୍ଚ୍ଚ ସେ ନିଜେ ହିଁ ବହନ କରୁଥିଲେ ଆଉ ଏବେ ବି କରୁଛନ୍ତି। ଏଯାବତ୍ ଲକ୍ଷ୍ମୀ ଶତାଧିକ ଅସହାୟ ବିଧବା ନାରୀଙ୍କୁ ଥଇଥାନ କରିବା ସହ ପ୍ରାୟ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ମୃତ ବିଧବା ନାରୀଙ୍କର ବିଧି ମୁତାବକ ଶବ ସତ୍କାର କରିସାରିଲେଣି। ଏସବୁ ବ୍ୟତୀତ ଲକ୍ଷ୍ମୀ ବଳାତ୍କାରର ଶିକାର ହୋଇଥିବା ମହିଳାଙ୍କୁ ନ୍ୟାୟ ଦେବା ପାଇଁ ସବୁବେଳେ ସ୍ୱର ଉତ୍ତୋଳନ କରି ଆସିଛନ୍ତି। ଅସହାୟ ନାରୀଙ୍କ ଆଶା ଭରସା କୁହାଯାଉଥିବା ଲକ୍ଷ୍ମୀଙ୍କୁ ସେଥିପାଇଁ ଅନେକେ 'ଆଞ୍ଜେଲ ଅଫ୍ ବୃନ୍ଦାବନ' ବୋଲି ସମ୍ବୋଧନ କରିଥାନ୍ତି। ଲକ୍ଷ୍ମୀଙ୍କର ଏଭଳି ସାହସିକ କାର୍ଯ୍ୟ ଓ ସମାଜସେବା ପାଇଁ ତାଙ୍କୁ ସମ୍ମାନଜନକ ନାରୀ ଶକ୍ତି ପୁରସ୍କାର ମଧ୍ୟ ମିଳିଛି। ଆଉ ଲକ୍ଷ୍ମୀଙ୍କ ଦ୍ୱାରା ଗଢା ଯାଇଥିବା ସଂଗଠନ ଏବେ ବି ନାରୀଙ୍କ ସୁରକ୍ଷା ପାଇଁ କାମ କରିବା ସହ ମାଗଣା ଆମ୍ବୁଲାନ୍ସ ଯୋଗାଇ ଦେବା, ଗରିବ ଓ ଅସହାୟ ପିଲାଙ୍କୁ ମାଗଣା ଶିକ୍ଷା ଦେବା ଆଦି କାର୍ଯ୍ୟ କରୁଛି।

**ବେସାହାରା ଓ ଦିବ୍ୟାଙ୍ଗ ବୟସ୍କଙ୍କ ଭରସା ଆଶା:** ପିଲାଙ୍କୁ ମଣିଷ କରିବା ପାଇଁ ମା'ବାପା ସାରା ଜୀବନ ବହୁ କଷ୍ଟ କରିଥାନ୍ତି। ହେଲେ ଯେବେ ପିଲାଟି ବଡ଼ ହୋଇ ସମାଜରେ ନିଜର ଏକ ପରିଚୟ ସୃଷ୍ଟି କରେ, ସେବେ ତା' ବୃଦ୍ଧ ମା'ବାପା ତା' ପାଇଁ ଅଲୋଡ଼ା ହୋଇଯାନ୍ତି। ସେମାନେ ବୋଝ ଲାଗନ୍ତି ତାକୁ। ଯାହାକୁ ସହି ନ ପାରି କେଉଁଠି ମା'ବାପା ନିଜେ ପିଲାଙ୍କଠାରୁ ଦୂରେଇ ଯାନ୍ତି ତ ଆଉ କେଉଁଠି ପିଲା ମା'ବାପାଙ୍କୁ ଦୂରେଇ ଦିଅନ୍ତି। ଏହା ସବୁ ପିଲାଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନ ହେଲେ ବି ଆଜିର ସମୟରେ ପ୍ରାୟ ଘରର ସମସ୍ୟା ହେଉଛି ଏଇଟା। ତେବେ ଏହି ବେସାହାରା ଓ ଦିବ୍ୟାଙ୍ଗ ବୟସ୍କଙ୍କ ପାଇଁ ଏକ ନୂଆ ଆଶାର କିରଣ ସାଜିଛନ୍ତି ଗୁଜରାଟର **ଆଶା ରାଜପୁରୋହିତ**। ସେଠାରେ 'ସୁଦାମା' ନାମରେ ଏକ ବୃଦ୍ଧାଶ୍ରମ ସେ ଚଳାଉଛନ୍ତି। ପ୍ରକୃତପକ୍ଷେ ଏହି ବୃଦ୍ଧାଶ୍ରମକୁ ତାଙ୍କ ବାପା ଗଢିଥିଲେ। ସେତେବେଳକୁ ଆଶା ପାଠ ପଢୁଥିଲେ। ପାଠପଢା ସହିତ ବୃଦ୍ଧାଶ୍ରମରେ ବାପାଙ୍କୁ କାମରେ ସାହାଯ୍ୟ ବି କରୁଥିଲେ। କିଛି ଦିନ ପରେ ଆଶାଙ୍କର ବିବାହ ହୋଇଯିବାରୁ ସେ ବାପାଙ୍କୁ ଓ ବୃଦ୍ଧାଶ୍ରମର ଲୋକଙ୍କୁ ଛାଡ଼ି ଶାଶୁଘରେ ଯାଇ ରହିଲେ। ସମୟ ଗଡ଼ି ଚାଲିଲା। ଆଶାଙ୍କର ଗୋଟିଏ ସନ୍ତାନ ହେଲା। ଏହାର କିଛି ବର୍ଷ ପରେ ତାଙ୍କ ବାପାଙ୍କର ସ୍ୱାସ୍ଥ୍ୟ ଖରାପ ହେବାରୁ ସେ ଆଶାଙ୍କୁ ପାଖକୁ ଡାକି ବୃଦ୍ଧାଶ୍ରମର ଦାୟିତ୍ୱ ବୁଝିବାକୁ କହିଲେ। ଆଶା ବାପାଙ୍କ କଥାରେ ରାଜିହେଲେ। କିଛିଦିନ ପରେ ତାଙ୍କ ବାପାଙ୍କର ମୃତ୍ୟୁ ହୋଇଗଲା। ବୃଦ୍ଧାଶ୍ରମର ସମସ୍ତ ଦାୟିତ୍ୱ ଆଶାଙ୍କୁ ବୁଝିବାକୁ ପଡିଲା। ଶାଶୁଘର ଦୂରରେ ଥିବାରୁ ତାଙ୍କୁ ଉଭୟ ପଟର କଥା ବୁଝିବାରେ ଅସୁବିଧା ହେଲା। ଯେଉଁଥିପାଇଁ ଆଶା ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକଙ୍କ ସହ କଥାବାର୍ତ୍ତା ହୋଇ ନିଜ ସନ୍ତାନର ସମସ୍ତ ଦାୟିତ୍ୱ


ଆଶା ରାଜପୁରୋହିତ








ଅର୍ପଣ ବାନାର୍ଜୀ

ସେମାନଙ୍କୁ ହସ୍ତାନ୍ତର କରି ବୃଦ୍ଧାଶ୍ରମକୁ ସବୁଦିନ ପାଇଁ ଚାଲି ଆସିଲେ । କାରଣ ବୃଦ୍ଧାଶ୍ରମରେ ଥିବା ଅନ୍ତେବାସୀଙ୍କର ଆଶାଙ୍କ ଛଡ଼ା ଆଉ କେହି ସାହା ଭରସା ନ ଥିଲେ । ପଇସା ବେଶି ନ ଥିବା ଯୋଗୁ କାମରେ ସାହାଯ୍ୟ ପାଇଁ ଅନ୍ୟ କାହାକୁ ନ ରଖି ନିଜେ ଆଶା ବୃଦ୍ଧାଶ୍ରମର ସବୁ ଦାୟିତ୍ୱ ବୁଝୁଥିଲେ । ବୃଦ୍ଧାଶ୍ରମ ପରିସର ସଫାସୁତରା କରିବାଠାରୁ ଆରମ୍ଭ କରି ରୋଷେଇ କରିବା, ଖାଇବାକୁ ଦେବା, ଲୁଗାପଟା ସଫା କରିବା, ଦିବ୍ୟାଙ୍ଗ ଅନ୍ତେବାସୀଙ୍କୁ ଗାଧୋଇ ଦେବା, ଖୁଆଇଦେବା ସେମାନଙ୍କର ମୁଣ୍ଡ କୁଣ୍ଡାଇଦେବା ଆଉ ସମୟାନୁସାରେ ଔଷଧ ଆଦି ଦେବା କାର୍ଯ୍ୟ ଆଶା ନିଜେ କରୁଥିଲେ । ଚାଲି ପାରୁ ନ ଥିବା ଲୋକଙ୍କୁ ହୁଇଲ୍ ଚେୟାର୍‌ରେ ବସେଇ ବାହାରେ ବୁଲେଇବା କାର୍ଯ୍ୟ ବି ସେ କରୁଥିଲେ । ସତେ ଯେମିତି ବୃଦ୍ଧାଶ୍ରମରେ ଥିବା ଅନ୍ତେବାସୀମାନଙ୍କର ସେ ହେଉଛନ୍ତି ନିଜ ଝିଅ, ସେହିଭଳି ସମ୍ପର୍କ ଆଶାଙ୍କର ସେମାନଙ୍କ ସହ ରହିଥିଲା । ଧୀରେ ଧୀରେ ଆଶାଙ୍କର ଏଭଳି ମହତ୍ କାର୍ଯ୍ୟକୁ ଦେଖି କିଛି ହୃଦୟବାନ ଲୋକ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ । ଆଉ ସେହି ସାହାଯ୍ୟ ଓ ସହଯୋଗକୁ ପାଥେୟ କରି ଆଶା ନିଜ କର୍ତ୍ତବ୍ୟ ପଥରେ ଆଗେଇ ଚାଲିବା ସହ ଏ ସମାଜକୁ ଏକ ନୂଆ ଦିଗ୍‌ଦର୍ଶନ ଦେଇ ଚାଲିଛନ୍ତି ।

**ବେସାହାରା ଲୋକଙ୍କ ସାହାରା ସୁମନ ମେହେରା:** ରାସ୍ତାରେ ବେସାହାରା ଲୋକଙ୍କୁ ଦେଖିଲେ ମନରେ ଦୁଃଖ ଆସୁଥିଲେ ବି ଆମ ଭିତରୁ ଖୁବ୍ କମ୍ ଲୋକ ଏମିତି ଅଛନ୍ତି ; ଯେଉଁମାନେ ସେମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥାନ୍ତି । ସେମିତି ଜଣେ ପରୋପକାରୀ ମହିଳା ହେଲେ **ସୁମନ ମେଡଲ ମେହେରା** । ରାଜସ୍ଥାନରେ ରୁହନ୍ତି । ପେସାରେ ସେ ଜଣେ ନର୍ସ । ତେଣୁ ସେବା ମନୋବୃତ୍ତି ତାଙ୍କ ଭିତରେ ସବୁବେଳେ ରହିଥାଏ । ଏକ ଗରିବ ପରିବାରରେ ଜନ୍ମ ଗ୍ରହଣ କରିଥିବା ସୁମନଙ୍କର ମାତ୍ର ୧୪ ବର୍ଷ ବୟସରେ ବାହାଘର ହୋଇ ଯାଇଥିଲା । ପିଲାଟି ଦିନରୁ ନର୍ସ ଚାକିରି କରିବାର ଇଚ୍ଛା ତାଙ୍କର ଅଧାରେ ରହିଗଲା । ହେଲେ ପରେ ସ୍ୱାମୀଙ୍କ ସହଯୋଗରେ ଉଚ୍ଚ ଶିକ୍ଷା ଲାଭ କରି ସେ ପ୍ରଫେଶନାଲ୍ ନର୍ସ ଡିଗ୍ରୀ ହାସଲ କଲେ । ତା'ପରେ ଏକ ଡାକ୍ତରଖାନାରେ ଚାକିରି ପାଇଲେ । ରୋଗୀ ସେବାରେ ତାଙ୍କ ସମୟ ବିତୁଥିଲେ ବି ତାଙ୍କ ମନ କିନ୍ତୁ ଆଉ କିଛି କରିବାକୁ ଚାହୁଁଥିଲା । ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ସମେତ ସେ ରାସ୍ତାଘାଟରେ ଅସହାୟ ଭାବେ ପଡ଼ି ରହିଥିବା ଲୋକଙ୍କ ପାଇଁ କିଛି କରିବାକୁ ଇଚ୍ଛା କରୁଥିଲେ । କିନ୍ତୁ କେମିତି କରିବେ ସେ ନେଇ ସୁଯୋଗ ପାଉ ନ ଥିଲେ । ଥରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିବା ଏକ ଅସହାୟ ଲୋକଙ୍କୁ ସାହାଯ୍ୟ କରିବାର ତାଙ୍କୁ ସୁଯୋଗ ମିଳିଲା । ବାସ୍ ସେବେଠୁ ତାଙ୍କ ଭିତରେ ଆତ୍ମବିଶ୍ୱାସ ଆସିଗଲା । ସ୍ୱାମୀଙ୍କଠାରୁ ଅନୁମତି ନେଇ ସହରର ବିଭିନ୍ନ ସାର୍ବଜନୀକ ସ୍ଥାନକୁ ଯାଇ ବେସାହାରା ଭାବେ ରାସ୍ତା କଡ଼ରେ ପଡି ରହିଥିବା ରୋଗୀଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବାକୁ ଲାଗିଲେ ସୁମନ । ଆଉ ସେହି ଚିକିତ୍ସା କରୁ କରୁ ସେ ଜାଣିବାକୁ ପାଇଲେ ଯେ, କିଛି ଲୋକଙ୍କୁ ବାର୍ଦ୍ଧକ୍ୟାବସ୍ଥା ପାଇଁ ତାଙ୍କୁ ତାଙ୍କ ଘର ଲୋକ ତଡ଼ି ଦେଇଛନ୍ତି ତ ଆଉ କିଛି ଲୋକଙ୍କୁ ରୋଗ ଯୋଗୁ ଘର ଲୋକ ପଚାରୁ ନାହାନ୍ତି । ସେମିତି ଆଉ କିଛି ଲୋକଙ୍କର ପରିବାର ବୋଲି ହିଁ କିଛି ନାହିଁ । ଏସବୁ କଥା ଜାଣିଲା ପରେ ସୁମନ ଏହାର କିଛି ଗୋଟେ ସ୍ଥାୟୀ ବନ୍ଦୋବସ୍ତ କରିବା ପାଇଁ ଚିନ୍ତା କଲେ । ପ୍ରଥମେ ଏହି ଅସହାୟ ରୋଗୀମାନଙ୍କର ଯତ୍ନ ନେଇ ସେମାନଙ୍କୁ ସୁସ୍ଥ କରାଇଲେ । ତା'ପରେ ସେମାନଙ୍କଠାରୁ ତାଙ୍କ ପରିବାର ଲୋକଙ୍କର ଠିକଣା ନେଇ ସେମାନଙ୍କୁ ଦେଖାକରି ବୁଝାଇବାକୁ ଚେଷ୍ଟା କଲେ । ଯେଉଁ ପରିବାର ବୁଝି ତାଙ୍କ ଲୋକଙ୍କୁ ପୁଣି ଥରେ ଆପଣେଇବାକୁ ଚାହିଁଲେ ତାଙ୍କୁ ନେଇ ସୁମନ ଘରେ ଛାଡି ଦେଉଥିଲେ । କିନ୍ତୁ ଯେଉଁମାନେ ତାଙ୍କ ବୃଦ୍ଧ ମା'ବାପାଙ୍କୁ ଅବା ରୋଗଣା ଲୋକଙ୍କୁ ପୁଣିଥରେ ଆପଣେଇବାକୁ ଆଦୌ ରାଜି ହେଉ ନ ଥିଲେ ସେମାନଙ୍କ ପାଇଁ ସୁମନ ନିଜେ ହିଁ ସାହାରା ପାଲଟିଗଲେ । ସେମାନଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ 'ମାନବ ସେବା ଆଶ୍ରମ' ନାମରେ ଏକ ସ୍ଥାୟୀ ଆଶ୍ରୟସ୍ଥଳ ସୁମନ ନିଜ ପୁଞ୍ଜିରେ ଗଢିଲେ । ଯେଉଁଠାରେ ସେ ଏହି ଅସହାୟ ଲୋକଙ୍କୁ ମାଗଣାରେ ରହିବା, ଖାଇବା ଓ ଔଷଧ ଆଦି ଯୋଗାଇ ଦେବା ସହ କାହାର ମା' ତ କାହାର ଝିଅ ହୋଇ ସେମାନଙ୍କର ସେବା ଶୁଶ୍ରୂଷା କରିବାକୁ ଲାଗିଲେ । ଏବେ ବି ଏହି ମହତ୍ କାମରେ ସୁମନ ନିୟୋଜିତ ଅଛନ୍ତି, ଆଉ ତାଙ୍କୁ ସାହାଯ୍ୟ କରିବାକୁ ଅନେକ ଲୋକ ମଧ୍ୟ ଆଗେଇ ଆସିଛନ୍ତି । ତେବେ ସେ ଯାହା ବି ହେଉ, ସୁମନଙ୍କର ଏହି ପରୋପକାରୀ କାର୍ଯ୍ୟ ପ୍ରମାଣ କରେ ଯେ, କାହାର ସେବା କରିବା ପାଇଁ କେବଳ ରକ୍ତର ସମ୍ପର୍କ ହେବା ଆବଶ୍ୟକ ନୁହେଁ ହୃଦୟରେ ମାନବିକତା ରହିବା ଜରୁରୀ ।

**ବେସାହାରାଙ୍କ ଭରସାର ସାଥୀ ଅର୍ପଣ ବାନାର୍ଜୀ:** ବ୍ୟସ୍ତମୟ ଜୀବନ ଭିତରେ ନିଜ ଲୋକଙ୍କୁ ସମୟ ଦେବା ଯେଉଁଠି ମୁସ୍କିଲ ହୋଇଯାଉଛି ସେଇଠି କିନ୍ତୁ ଜଣେ ବ୍ୟକ୍ତି ନିଜ କାମରୁ ସମୟ ବାହାର କରି ପ୍ରତିଦିନ କୌଣସି ଅନାଥାଶ୍ରମ ହେଉକି ବୃଦ୍ଧାଶ୍ରମ ଯାଇ ଅନ୍ତେବାସୀଙ୍କ ଭଲ ମନ୍ଦ କଥା ବୁଝିବା ସହ ସେମାନଙ୍କ ସହିତ କିଛି ସମୟ ହସଖୁସିର ମୁହୂର୍ତ୍ତ ବିତାଇ ଆସୁଛନ୍ତି । ଏହା ତାଙ୍କର ଯେମିତି ନିତିଦିନିଆ ଏକ ଅଭ୍ୟାସରେ ପରିଣତ ହୋଇଯାଇଛି । ଏହି ବ୍ୟକ୍ତି ଜଣଙ୍କ ହେଉଛନ୍ତି ପଶ୍ଚିମବଙ୍ଗର  କରୀମପୁରସ୍ଥିତ **ଅର୍ପଣ ବାନାର୍ଜୀ** । ପ୍ରପର୍ଟି ଏଜେଣ୍ଟ ଭାବେ ସେ କାମ କରନ୍ତି । ତେବେ ଅର୍ପଣଙ୍କର ଏବେ ଯେଉଁ ବ୍ୟକ୍ତିତ୍ୱ ରହିଛି, ତାହା ଆଗରୁ ଏମିତି ନ ଥିଲା । ସେ ପିଲାଦିନେ ଖୁବ୍ ଦୁଷ୍ଟ ଥିଲେ । ତାଙ୍କ ଦୁଷ୍ଟାମିରେ ଅତିଷ୍ଠ ହୋଇ ତାଙ୍କ ପରିବାର ଲୋକେ ୭ମ/୮ମରେ ପଢୁଥିବାବେଳେ ତାଙ୍କୁ ଏକ ଆଶ୍ରମରେ ଛାଡ଼ି ଦେଇଥିଲେ । ମାସକୁ ଥରେ ପରିବାର ଲୋକଙ୍କୁ ଦେଖିବାର ସୁଯୋଗ ତାଙ୍କୁ ମିଳୁଥିଲା । ହେଲେ ସେହି ଆଶ୍ରମରେ ଏମିତି ବି କିଛି ପିଲା ଥିଲେ, ଯେଉଁମାନଙ୍କୁ ଦେଖା କରିବାକୁ ମାସ ମାସ ଧରି କେହି ଆସୁ ନ ଥିଲେ । କାରଣ ସେମାନଙ୍କର କେହି ନ ଥିଲେ । ସେହି ପିଲାମାନଙ୍କର ଶୁଖିଲା ଅସହାୟ ମୁହଁକୁ ଦେଖି ଅର୍ପଣଙ୍କୁ ଭାରି ବ୍ୟସ୍ତ ଲାଗୁଥିଲା । ଧୀରେ ଧୀରେ ତାଙ୍କ ଭିତରେ ପରବର୍ତ୍ତନ ଆସିଲା । ତାଙ୍କର ଦୁଷ୍ଟାମି ବି କମିଗଲା । ଭଲ ପିଲା ହୋଇଯିବାରୁ ପୁଣିଥରେ ନିଜ ଘରକୁ ସେ ଫେରିଆସିଲେ । ହେଲେ ତାଙ୍କ ମନ ସବୁବେଳେ ସେହି ଅନାଥ ପିଲାଙ୍କ କଥା ଭାବି ହେଉଥିଲା । ସେବେଠାରୁ ସେ ପଣ କଲେ ଯେ, ଯାହାଙ୍କର ଏ ଦୁନିଆରେ କେହି ନାହାନ୍ତି, ସେ ତାଙ୍କର ନିଜର ହେବେ । ଛୋଟ ବୟସରୁ ନେଇଥିବା ଏହି ପ୍ରତିଜ୍ଞାକୁ ଅର୍ପଣ ଆଜିଯାଏ ପୂରଣ କରି ଆସୁଛନ୍ତି । ଯେତେବେଳେ ଅର୍ପଣ କିଛି ରୋଜଗାର କରି ନ ଥିଲେ, ସେତେବେଳେ ସେ ରକ୍ତଦାନ କରି ଅସହାୟଙ୍କୁ ସାହାଯ୍ୟ କରୁଥିଲେ । ଆଉ ପରେ ଯେବେ ସେ ପ୍ରପର୍ଟି ଏଜେଣ୍ଟ ଭାବେ କାମ କରି ରୋଜଗାର କରିବାକୁ ଲାଗିଲେ, ସେବେ ନିଜ ରୋଜଗାରର ୭୫ ପ୍ରତିଶତ ଭାଗ ଗରିବ ଓ ଅନାଥ ଶିଶୁ, ବେସାହାରା ଲୋକଙ୍କ ଜୀବନକୁ ସୁଧାରିବା ପାଇଁ ବିନିଯୋଗ କରିବାକୁ ଲାଗିଲେ । କାହାକୁ ବହି ଯୋଗାଇ ଦେବା ତ କାହାକୁ ଖାଦ୍ୟ, ପୁଣି କାହାକୁ ଲୁଗାପଟା ତ କାହାକୁ ଔଷଧ କିମ୍ବା ଅନ୍ୟ କୌଣସି ଜରୁରୀ ଜିନିଷ ଇତ୍ୟାଦି । ଆଉ ସବୁଠୁ ବଡ଼ କଥା ହେଲା, ପ୍ରତିଦିନ କିଛି କିଛି ସମୟ ଏହି ଅନାଥ ପିଲାଙ୍କ ସହ ମୂଲ୍ୟବାନ ସମୟ ବିତାଇବାର ସୁଖ । ଅର୍ପଣ ନିଜ ସହରର ପ୍ରାୟ ୬/୭ଟି ଅନାଥାଶ୍ରମ ଏବଂ ପାଞ୍ଚରୁ ଉର୍ଦ୍ଧ୍ୱ ବୃଦ୍ଧାଶ୍ରମର ସବୁ ଭଲମନ୍ଦ କଥା ନିୟମିତ ବୁଝି ଆସୁଛନ୍ତି । ଏବେ ତାଙ୍କର କେତେଜଣ ସାଙ୍ଗ ତାଙ୍କୁ ଏହି କାମରେ ସହଯୋଗ କରୁଥିବାର ସୂଚନା ବି ରହିଛି । ଆଗକୁ ବେସାହାରା ଲୋକଙ୍କ ପାଇଁ ଏକ ସ୍ଥାୟୀ ଆଶ୍ରା ତିଆରି କରିବାର ତାଙ୍କର ଯୋଜନା ମଧ୍ୟ ରହିଛି ।

କେବଳ ଏମାନେ ନୁହନ୍ତି, ଏମାନଙ୍କ ପରି ଆହୁରି ଅନେକ ହୃଦୟବାନ ବ୍ୟକ୍ତି ଅଛନ୍ତି ; ଯାହାଙ୍କ ହୃଦୟ ଅସହାୟ ଲୋକଙ୍କ ଦୁଃଖ ଦେଖି କାନ୍ଦି ଉଠେ । ନିଜ ସୁଖ ସୁବିଧା ଏମାନଙ୍କ ପାଇଁ ଗୁରୁତ୍ୱ ରଖେନି । ବରଂ ଦୁଃଖ ଯନ୍ତ୍ରଣାରେ ପୀଡିତ ମଣିଷଙ୍କ ଯନ୍ତ୍ରଣା ଏମାନଙ୍କୁ ଅଧିକ ବିଚଳିତ କରେ । ଆଉ ଏମାନେ ତାଙ୍କୁ ସାହାଯ୍ୟ କରିବାକୁ ଏମିତି କିଛି କାମ କରନ୍ତି, ଭରସାର ହାତ ବଢାନ୍ତି, ଯଦ୍ଦ୍ୱାରା ସମାଜ ଏମାନଙ୍କ ଉଦାହରଣ ଦିଏ ।


– ଅନ୍ୱିତା ମିଶ୍ର





ସୁମନ ମେଡଲ ମେହେରା

# ଜୋତା ଫ୍ୟାଶନ







**ଜୋତା ଲୁକ୍‌କୁ ଷ୍ଟାଇଲିଶ କରାଏ, ଷ୍ଟାଟସ୍ ବି ବଢ଼ାଏ। ସେଇଥିପାଇଁ ତ ପୁରୁଷଙ୍କ ଫ୍ୟାଶନ୍‌ରେ ଜୋତାର ମହତ୍ତ୍ୱ ବହୁତ। ପୋଷାକ ଓ ଅବସର ଅନୁସାରେ ଏହାକୁ ପିନ୍ଧିଲେ ଲୁକ୍ ହୋଇଯାଏ ଖାସ୍ । ତେବେ କେଉଁ ଅବସରରେ କେଉଁ ଜୋତା ପିନ୍ଧିବେ ଓ ଜୋତା କିଣିବା ସମୟରେ କେଉଁସବୁ କଥାପ୍ରତି ଗୁରୁତ୍ୱ ଦେବେ ଜାଣନ୍ତୁ ସେ ସମ୍ପର୍କରେ...**



### ପାର୍ଟି ଓ ବିବାହ ପାଇଁ

ଯଦି ଆପଣ ଫର୍ମାଲ ପୋଷାକ ପିନ୍ଧୁଛନ୍ତି, ତେବେ ଲେସ-ଅପ୍ ବୁଟ୍ସ, ଭିଣ୍ଟେଜ ଫିଟ୍ ମେନ ଶୁଜ୍ କିମ୍ବା ଲୋଫର୍ ଆଦି ପିନ୍ଧିପାରିବେ। ଆଉ ଯଦି ଜିନ୍ସ-ଟି ଶାର୍ଟ କିମ୍ବା ଶାର୍ଟ ପିନ୍ଧୁଛନ୍ତି, ତା'ହେଲେ ଏହା ସହିତ କାନ୍‌ଭାସ, ଲୋଫର୍, ଲଙ୍ଗ ବୁଟ୍ସ କିମ୍ବା ସ୍ପୋର୍ଟ୍ସ ଶୁଜ୍ ପିନ୍ଧିପାରିବେ।

### ଅଫିସ ପ୍ରୋଗ୍ରାମ ପାଇଁ

ଯଦି ଅଫିସ କାର୍ଯ୍ୟକ୍ରମ ପାଇଁ ଆପଣଙ୍କୁ ଜୋତା ବାଛିବାର ଅଛି, ତେବେ ପ୍ରଥମେ ପୋଷାକ ବାଛନ୍ତୁ। ଫର୍ମାଲ ପୋଷାକ ପିନ୍ଧୁଥିଲେ କର୍ନୱାଲିସ ବ୍ଲାକ ଶୁଜ, ପଲିଶ୍‌ଡ ଶାଇନିଂ କରୁଥିବା ଫର୍ମାଲ ଲୋଫର୍ କିମ୍ବା ବୁଟ୍ସ ଆପଣଙ୍କୁ ବେଷ୍ଟ ଲୁକ୍ ଦେଇପାରିବ।

### ବନ୍ଧୁଙ୍କ ପାର୍ଟି ପାଇଁ

ବନ୍ଧୁଙ୍କ ପାର୍ଟିକୁ ଯାଉଥିଲେ ଜୋତା ଷ୍ଟାଇଲିସ ହେବା ଜରୁରୀ, କାରଣ ପ୍ରକୃତ ଫ୍ୟାଶନ ପ୍ରତିଯୋଗିତା ତ ସାଙ୍ଗମାନଙ୍କ ମଧ୍ୟରେ ହିଁ ହୋଇଥାଏ। ଏଥିପାଇଁ ଟ୍ରେଣ୍ଡି କାଜୁଆଲ ଶୁଜ୍ ଭଲ ବିକଳ୍ପ। ଆପଣ କାଜୁଆଲ ଲୋଫର୍, ଲଙ୍ଗ ବୁଟ୍ସ କିମ୍ବା ଟେନିସ ଶୁଜ ପିନ୍ଧି ଯାଇପାରିବେ। ଏଗୁଡ଼ିକ କାଜୁଆଲ ପୋଷାକ ସହ ଭଲ ମ୍ୟାଚ କରେ।

### ଡେଟ୍ ପାଇଁ

ପ୍ରଥମ ଥର ହେଉ କିମ୍ବା ଦଶମ ଥର, ଡେଟ୍ ସବୁବେଳେ ଖାସ ହୋଇଥାଏ। ତେଣୁ ଏହି ସୁନ୍ଦର ମୁହୂର୍ତ୍ତ ପାଇଁ ଜୋତା ମଧ୍ୟ ଖାସ୍ ହେବା ଉଚିତ। ଏଥିପାଇଁ ଲୋଫର୍‌ଠାରୁ ଭଲ ବିକଳ୍ପ ଆଉ କିଛି ନାହିଁ। ଲୋଫର୍ ସବୁ





ପ୍ରକାର ପୋଷାକ ସହ ମ୍ୟାଚ କରେ ଏବଂ ଏହା ଷ୍ଟାଇଲିସ ହେବା ସହ ଆରାମଦାୟକ ମଧ୍ୟ। ଏହା ବ୍ୟତୀତ ଆପଣ ସ୍ପୋର୍ଟ୍ସ ଶୁଜ୍ ମଧ୍ୟ ପିନ୍ଧିପାରିବେ।

### ପିକ୍‌ନିକ୍ ପାଇଁ

ଯଦି ଆପଣ ପିକ୍‌ନିକ୍ କିମ୍ବା କୌଣସି ଟୁର୍ ଯିବାକୁ ପ୍ଲାନ କରୁଛନ୍ତି, ତେବେ ଜୋତା ବାଛିବା ବେଳେ ସାବଧାନତା ଅବଲମ୍ବନ କରନ୍ତୁ। ଏଠାରେ ଆରାମକୁ ପ୍ରାଥମିକତା ଦିଅନ୍ତୁ। ସ୍ପୋର୍ଟ୍ସ ଶୁଜ୍, କାନ୍‌ଭାସ ଶୁଜ୍ କିମ୍ବା କାଜୁଆଲ ଲୋଫର୍ ସବୁଠାରୁ ଭଲ। ଏହା ପାଦକୁ ଆରାମ ଦେବା ସହ ଲୁକ୍ ମଧ୍ୟ ବଢ଼ାଇଥାଏ।

### କିଣିବା ବେଳେ ଧ୍ୟାନ ଦିଅନ୍ତୁ

**ଅପରାହ୍ନରେ ଜୋତା କିଣନ୍ତୁ:** ଦିନସାରା ଚଲାବୁଲା କରିବା ଦ୍ୱାରା ଆପଣଙ୍କ ପାଦ ସାମାନ୍ୟ ପ୍ରସାରିତ ହୋଇଥାଏ। ତେଣୁ ଅପରାହ୍ନ ସମୟରେ ଜୋତା କିଣିଲେ ତାହା ପରଫେକ୍ଟ ଫିଟିଂ ହୋଇଥାଏ।

**ଉଭୟ ପାଦର ମାପ ନିଅନ୍ତୁ:** ସେଲ୍ସମ୍ୟାନଙ୍କୁ ନିଜର ଉଭୟ ପାଦ ମାପିବାକୁ ଦିଅନ୍ତୁ। ଯେଉଁ ପାଦଟି ସାମାନ୍ୟ ବଡ଼, ସେହି ଅନୁଯାୟୀ ଜୋତା କିଣନ୍ତୁ।

**ଆଙ୍ଗୁଠି ପାଇଁ ସ୍ପେସ ରଖନ୍ତୁ:** ଆପଣ ଠିଆ ହୋଇଥିବା ବେଳେ ପାଦର ଆଙ୍ଗୁଠି ଏବଂ ଜୋତାର ଭିତର ପାର୍ଶ୍ୱ ମଧ୍ୟରେ ଅତି କମ୍‌ରେ ଏକ ଚତୁର୍ଥାଂଶରୁ ଅଧ ଇଞ୍ଚ ଯାଏ ଖାଲି ସ୍ଥାନ ରହିବା ଉଚିତ।


**ଚାଲିକି ଚେକ୍ କରନ୍ତୁ:** କିଣିବା ପୂର୍ବରୁ ଜୋତାର ସୋଲ୍ ଏବଂ ମ୍ୟାଟେରିଆଲର ଗୁଣବତ୍ତା ପରଖିବା ଲାଗି କିଛି ସମୟ ଜୋତା ପିନ୍ଧି ଚଲାବୁଲା କରନ୍ତୁ।

**ସାଇଜ ନୁହେଁ, ଆରାମ ଦେଖନ୍ତୁ:** ଜୋତାରେ ଲେଖାଥିବା ସାଇଜ ନମ୍ବରକୁ ଭୁଲିଯାଆନ୍ତୁ ଏବଂ ନିଜ ପାଦ କେତେ ଆରାମ ଅନୁଭବ କରୁଛି, ସେହି ଅନୁଭୂତି ଉପରେ ହିଁ ବିଶ୍ୱାସ କରନ୍ତୁ।

**ଟ୍ୟାଗ୍ ଏବଂ ସିମ୍ସ ଯାଞ୍ଚ କରନ୍ତୁ:** ଜୋତା ଭିତରେ ଥିବା ଟ୍ୟାଗ୍ କିମ୍ବା ସିଲେଇଗୁଡ଼ିକୁ ଭଲ ଭାବେ ଦେଖନ୍ତୁ, ଯେମିତିକି ଅଧିକ ସମୟ ଚାଲିବା ବେଳେ ପାଦରେ କୌଣସି ପ୍ରକାରର କଷ୍ଟ ନ ହୁଏ।

**ଦାମ୍ ନୁହେଁ ଆରାମ ଦେଖନ୍ତୁ:** କିଣିବା ସମୟରେ ଷ୍ଟାଇଲ କିମ୍ବା ତା'ର ଦାମ୍ ନୁହେଁ ବରଂ ମ୍ୟାଟେରିଆଲ, ଆରାମ ଏବଂ ସପୋର୍ଟ ଉପରେ ଧ୍ୟାନ ଦେବା ଉଚିତ।


# ବଞ୍ଚିଥିବା ଯାଏ ଶିଶୁ ମନଲାଖି ଲେଖା ଲେଖିବି



ସ୍କୁଲ ଜୀବନରୁ ତାଙ୍କର ଆରମ୍ଭ ହୋଇଥିଲା ଲେଖାଲେଖି। ଯାହା ପରବର୍ତ୍ତୀ ସମୟରେ ବି ଜାରି ରହିଲା। ପ୍ରାୟ ୩ଦଶନ୍ଧି ମଧ୍ୟରେ ସେ ଲେଖି ଚାଲିଛନ୍ତି ଏକାଧିକ ଗପ, କବିତା, ପ୍ରବନ୍ଧ ଓ ନାଟକ। ଏକାଧାରରେ ସେ ଜଣେ କବି, ଶିଶୁ ସାହିତ୍ୟିକ ଓ ଶିକ୍ଷାବିତ୍। ସେ ହେଲେ **ନିରଞ୍ଜନ ପତି**। ଜନ୍ମ ତା୧୨।୪।୧୯୬୪ମସିହାରେ। ମାତା ଶଶିକଳା ପତି ଓ ପିତା ଧର୍ମାନନ୍ଦ ପତି। ଘର ଢେଙ୍କାନାଳ ଜିଲାର ଯୋରନ୍ଦାଗାଦି ନିକଟସ୍ଥ ବାଇଁଶିଆ ଗ୍ରାମରେ। ସେ କୁହନ୍ତି, ‘ବାପା କଟକରେ ଚାକିରି କରିଥିଲେ। ସେ ସେଠାରେ ରହୁଥିଲେ। ମୋର ଚାରିଭଉଣୀଙ୍କ ମଧ୍ୟର ମୁଁ ଏକମାତ୍ର ଭାଇ । ବାଇଁଶିଆ ପ୍ରାଥମିକ ଓ ଉଚ୍ଚବିଦ୍ୟାଳୟରେ ମୋର ପାଠପଢ଼ା ଆରମ୍ଭ ହୋଇଥିଲା । ପ୍ରାଥମିକ ବିଦ୍ୟାଳୟରେ ପଢିବା ସମୟରୁ ହିଁ ମା’ଙ୍କଠାରୁ ଗୀତ ଶୁଣି ଚିଠି ଲେଖିବା, ନିଜ ବାପା ଓ ମାମୁଙ୍କ ପାଖକୁ ଗୀତ ଚିଠି ପଠେଇବା ଦିନରୁ ମୋର କବିତା ଲେଖିବା ଆରମ୍ଭ ହୁଏ। ଗାଁର ପ୍ରାକୃତିକ ପରିବେଶ ଓ ସରଳ ଗ୍ରାମ୍ୟ ଜୀବନ ମୋ ଲେଖାଲେଖିକୁ ଖୋରାକ ଯୋଗାଇଲା। କେବଳ ଲେଖିବା ନୁହେଁ, ଚିତ୍ର କରିବାରେ ବି ମୋର ଖୁବ୍ ଆଗ୍ରହ ଥିଲା। ପିଲାବେଳେ ଗାଁରେ କାନ୍ଥମାନଙ୍କରେ ମୁଁ ଚିତ୍ର ଆଙ୍କିଥାଏ। ପେନ୍‌ସିଲରେ ବିଭିନ୍ନ ମହାପୁରୁଷଙ୍କ ଚିତ୍ର ସୁନ୍ଦରଭାବେ ଅଙ୍କନ କରୁଥିବାରୁ ସାଙ୍ଗମାନେ ବହୁତ ପ୍ରଶଂସା କରୁଥିଲେ। ଆଉ ମୋ ଲେଖାଲେଖି ପାଇଁ ବାପା ବହୁତ ଖୁସି ହେଉଥିଲେ। ତେଣୁ ଏକଥା କହିବି ଚିତ୍ର ଓ ଲେଖାଲେଖି ପାଇଁ ଏମାନେ ହିଁ ଥିଲେ ମୋ ପ୍ରେରଣା। ପରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ବାଣିଜ୍ୟରେ ସ୍ନାତକ କଲି। ସେତେବେଳେ ମୋର ଗୁରୁ ଥିଲେ ଖ୍ୟାତନାମା କଥାକାର ଡ.ରାମଚନ୍ଦ୍ର ବେହେରା, କବି ଦୀପକ ମିଶ୍ର, କବି ବ୍ରହ୍ମାନନ୍ଦ ପଣ୍ଡା, ବାଣିଜ୍ୟ ଅଧ୍ୟାପକ ଅଜୟ ମହାନ୍ତି, ରାମଚନ୍ଦ୍ର ସାହୁ ଆଦି । ଯାହାଙ୍କ ସଂସ୍ପର୍ଶରେ ଆସିବାପରେ ମୋର ଲେଖାଲେଖି ପ୍ରତି ବେଶୀ ଆଗ୍ରହ ବଢିଥିଲା। କଲେଜ ମାଗାଜିନ୍‌ରେ ମୋର କବିତା ପ୍ରକାଶ ପାଇଲା। ସମସ୍ତଙ୍କଠାରୁ ବହୁତ ପ୍ରଶଂସା ପାଇଲି। ସମୟକ୍ରମେ ବିଭିନ୍ନ ପତ୍ରପତ୍ରିକାରେ ମୋ ଲେଖା ପ୍ରକାଶ ପାଇଲା। ପିଲାଙ୍କ ଧରିତ୍ରୀରେ ମଧ୍ୟ ମୋର ଏକାଧିକ ଲେଖା ପ୍ରକାଶିତ ହୋଇଛି। ଯା ଭିତରେ ମୁଁ କଷ୍ଟିଙ୍ଗ ପଢିବା ପାଇଁ କେନ୍ଦ୍ରାପଡ଼ାରୁ କଟକ ଆସିଲି। କିନ୍ତୁ ସ୍ୱାସ୍ଥ୍ୟ ଖରାପ ହେବାରୁ ଗାଁକୁ ପଳାଇଥିଲି। ଏହାପରେ କେନ୍ଦ୍ରାପଡ଼ାରେ ବିଏଡ୍ ସାରିଲି ଏବଂ ୧୯୯୦ରେ ଅନୁଗୋଳରେ ଶିକ୍ଷକ ଭାବେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କଲି । ଶିକ୍ଷକ ଭାବରେ ଛାତ୍ରୀଛାତ୍ରମାନଙ୍କ ସହିତ ମିଶି ସେମାନଙ୍କ ଭାବନା, ଚିନ୍ତନକୁ ଅନୁଭବକରି ଶିଶୁ ସାହିତ୍ୟ ରଚନାରେ ଅଧିକ ମନୋନିବେଶ କଲି। ଶିକ୍ଷକ ହୋଇ ଶିକ୍ଷାଦାନକୁ ବୃତ୍ତିଭାବେ ଗ୍ରହଣ କରିଥିବା ବେଳେ ଲେଖାଲେଖି ମୋର ଜାରି ରହିଲା। ବ୍ୟଙ୍ଗ କବିତା, ଆଧୁନିକ କବିତା, ଗୀତି କବିତା ପ୍ରବନ୍ଧ, ରମ୍ୟ ରଚନା, ଫିଚର୍, ଧର୍ମ କଥା ଆଦି ରଚନା କଲି । ଯାହା ମତେ ଜଣେ ଶିଶୁ କିଶୋର ସାହିତ୍ୟିକ ଭାବେ ପରିଚିତି ଦେଲା। ଅନୁଗୋଳର ରହଣି ମଧ୍ୟରେ–ଶିକ୍ଷାରେ ସ୍ନାତକୋତ୍ତର, ଓଡ଼ିଆରେ ସ୍ନାତକୋତ୍ତର, ସାମ୍ବାଦିକତାରେ ମଧ୍ୟ ସ୍ନାତକୋତ୍ତର ଶିକ୍ଷାଲାଭ କଲି। ଏଥିସହିତ ଅନେକ ପୁସ୍ତକ ରଚନା କରିଛି। ମୋର ରଚନା କରିଥିବା ୨୨ ଖଣ୍ଡ





ପୁସ୍ତକ ମଧ୍ୟରୁ ୧୮ ଖଣ୍ଡ କେବଳ ଶିଶୁ କବିତା ଓ ଶିଶୁ ଗଳ୍ପ ପୁସ୍ତକ। ଯାହା ମଧ୍ୟରେ ଫୁଲ ପାଖୁଡ଼ା, ତ୍ରିନାଥ ମହିମା, ଖୁସିରେ ପଢ଼ ନିଜକୁ ଗଢ଼, ବିରଜାକୃପା, ଦଶଖମ୍ଭ ମାହାତ୍ମ୍ୟ, ଗପଟାଙ୍ଗୁଡ଼ି, ଆଦର୍ଶ ଗୁରୁଶିଷ୍ୟ, ସୁନାମୁକୁଟ, ଗପ ପସରା, ଗପପେଡ଼ି, ଗୀତ ଟିଏ ଭଲମିତ ଟିଏ, ଆଦର୍ଶ ବୀର ବାଳକ କାହାଣୀ, ଡ଼ାକୁଛି ଭୂତ ବସିବା ମିତ, ବଉଳଫୁଲର ବାସ ଇତ୍ୟାଦି ରହିଛି ।

ତାଙ୍କ ସୃଜନଶୀଳତା ପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନରୁ ପୁରସ୍କୃତ କରାଯାଇଛି। ଯାହାମଧ୍ୟରେ କବିଜ୍ୟୋତି ଉପାଧି ସହ ଶିଶୁ ସାହିତ୍ୟ ସାରଥୀ, ଶିଶୁ ସାହିତ୍ୟ ସଂସଦ, ସାଂସ୍କୃତିକ କଳାପରିଷଦ ଅନୁଗୋଳ, ବ୍ରଜନାଥ ବଡ଼ଜେନା ସାହିତ୍ୟ ପରିଷଦ ଆଦି ଅନ୍ୟତମ। ତାଙ୍କ ମତରେ, ଶିଶୁ ସାହିତ୍ୟ ପାଇଁ ଶିଶୁମାନଙ୍କ ମନସ୍ତତ୍ତ୍ୱକୁ ବୁଝିବା ସହ ତାଙ୍କ ହୃଦୟକୁ ଛୁଇଁବା ପରି ଶିଶୁଲେଖା ଲେଖିବା ଉଚିତ । ୨୦୨୪ ମସିହାରୁ ସେ ଅବସର ନେଇସାରିଲେଣି। ତେଣୁ ଏବେ ତାଙ୍କର ଅଧିକାଂଶ ସମୟ ପଢାପଢି ଓ ଲେଖାଲେଖି ପାଇଁ ଦେଉଛନ୍ତି। ସେ କୁହନ୍ତି, ‘ଶିଶୁ କିଶୋର ସାହିତ୍ୟ ଯେ କେବଳ ଶିଶୁମାନେ ପଢିଥା’ନ୍ତି, ଆଦର କରିଥା’ନ୍ତି, ପ୍ରଭାବିତ ହୋଇଥାନ୍ତି ତାହା ନୁହେଁ ବରଂ ଏହି ସାହିତ୍ୟ ସମସ୍ତ ବୟସର, ସବୁ ବର୍ଗର ପାଠିକା/ପାଠକମାନେ ପଢିଥାନ୍ତି ଓ ପ୍ରଭାବିତ ହୋଇଥାନ୍ତି । ଆଜିକାଲି ମୋବାଇଲ ଯୁଗରେ ପିଲାମାନଙ୍କର ଶିଶୁ ଓ କିଶୋର ପତ୍ରିକା କ୍ରୟକରି ପଢିବାର ଆଗ୍ରହ ଆଉ ନାହିଁ। ତେଣୁ ଅନେକ ପତ୍ରିକା ବନ୍ଦ ବି ହୋଇଗଲାଣି। ଯାହା ଖୁବ୍ ଦୁଃଖର ବିଷୟ। ସାହିତ୍ୟକୁ ନିଜ ଜୀବନଠାରୁ ଅଧିକ ଭଲ ପାଉଥିବା ପତି କୁହନ୍ତି, ‘ସର୍ବଦା ମୁଁ ନିଜକୁ ଜଣେ ଶିଶୁ ସାହିତ୍ୟର ସାଧକ ବୋଲି ଭାବେ। ବଞ୍ଚିଥିବା ଯାଏ ଶିଶୁମନଲାଖି ଲେଖା ଜାରି ରଖିବାକୁ ସଙ୍କଳ୍ପ କରିଛି। ଏବେ ଅନୁଗୋଳ ଗାନ୍ଧୀ ମାର୍ଗରେ ରହୁଛୁ। କିନ୍ତୁ ପ୍ରତିମାସରେ ଗାଁକୁ ଆସିଥାଏ। ସେଠାକାର ପରିବେଶରେ ସମୟ କଟାଇବା ସହ ଲେଖାଲେଖି କରିବାକୁ ଭଲ ପାଏ।

–ବନବିହାରୀ ବେହେରା







# ପ୍ରେମ

– ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି

ପ୍ରେମ ହୁଏ,
ବାରମ୍ବାର ହୁଏ,
ବାସନ୍ତୀ ସଞ୍ଜରେ
ସୂର୍ଯ୍ୟ ଆସ୍ତେ ଅସ୍ତ ହେଲାପରେ,
ଦକ୍ଷିଣା ପବନରେ
ବଉଳ ଗଛର ପତ୍ର ସବୁ ଦୋହଲିଲେ,
ମା' ଚଉରାମୂଳେ
ସଞ୍ଜବତୀ ଜାଳି ପ୍ରାର୍ଥନା କଲେ,
ଟିକି ବାଛୁରି ମାଟି ଉପରେ
ଡେଇଁ ଡେଇଁ ଖୁସିରେ ନାଚିଲେ,
ବରଗଛ ଉହାଡ଼ରେ ଶାଗୁଆ ପକ୍ଷୀ ସବୁ
ଥଣ୍ଟରେ ଥଣ୍ଟ ଘଷିଲେ,
ନଡ଼ିଆ ବାହୁଙ୍ଗା ଫାଙ୍କରୁ
ଜହ୍ନ ନଇଁ ନଇଁ ଉଇଁ ଓହ୍ଲେଇ ଆସିଲେ,
ଅନ୍ଧାରର ଓଢଣି ଟାଣି ଦେଇ
ସେ ଚୁପି ଚୁପି ହସିଲେ,
ବଉଦର ଶିଡ଼ି ଚଢ଼ି ସେଇ ଜହ୍ନ
ଲାଜେଇ ଲାଜେଇ ଲୁଚିଲେ,
ପାଖ ଘର ଭାତ ହାଣ୍ଡି ଉପରୁ
ଚାଳ ଦେଇ ଧୂଆଁ ଆକାଶକୁ ଉଠିଲେ,
ସିଦ୍ଧେଶ୍ୱର ମନ୍ଦିରରେ ଆଳତି ଘଣ୍ଟା
ଧିମା ହେଇ ଶୁଭିଲେ,
ମୋର ବହିଖାତା ଭିତରେ
ତୋରି ମୁହଁ ମୋତେ ବାରମ୍ବାର ଦିଶିଲେ,
ପ୍ରେମ ହୁଏ ।

ସେତେବେଳେ
ତୁ ଦୂର ଏକ ସହରରେ
ମନ ଦେଇ ଅଙ୍କ କଷୁଥିବୁ
କିମ୍ବା ପ୍ରଶାସନକୁ ଗାଳି ଦେଉଥିବୁ
ହୁଏତ ନିଜ ଭାଗ୍ୟକୁ ନିନ୍ଦୁଥିବୁ
ଏମିତି ବି ହେଇପାରେ,
ମୋତେ ମନେ ପକେଇ ପୁଣି ଭୁଲି ଯାଉଥିବୁ....

ଭାବି ହେଉଥିବୁ
ସତରେ କ'ଣ କାହାକୁ ପ୍ରେମ ହୁଏ ?
ଯଦି ବି ହୁଏ,
ପ୍ରେମ କ'ଣ ବାରମ୍ବାର ହୁଏ ?

*–ଏନ୍.ଆଇ.ଟି, ରାଉରକେଲା*
*ମୋ: ୮୨୬୦୮୩୬୩୫୯*

# ଆତଙ୍କ

– ମାନମୟୀ ରଥ

ଅନୁପମର ଆଖି ଆଉ କାନକୁ ଫୁର୍‌ସତ୍ ନାହିଁ । ଘରେ ଥିଲାବେଳେ ବିଭିନ୍ନ ଚ୍ୟାନେଲ ବଦଳାଇ, ନ ଥିଲାବେଳେ ଗୁଗଲ୍‌ରୁ ଲାଟେଷ୍ଟ ନ୍ୟୁଜ ମାରି ଦେଖୁଛି ଯୁଦ୍ଧର ଖବର । ମଧ୍ୟ ପ୍ରାଚ୍ୟରେ ଚାଲିଛି ଘମାଘୋଟ ଯୁଦ୍ଧ । ଇରାନ ଉପରେ ମିଳିତ ଭାବେ ଆକ୍ରମଣ କରିଛନ୍ତି ଆମେରିକା ଆଉ ଇସ୍ରାଏଲ । ଇରାନର ସର୍ବୋଚ୍ଚ ନେତାଙ୍କୁ ହତ୍ୟା କରାଯାଇଛି । ବିସ୍ଫୋରଣରେ ଅସହାୟ ହୋଇ ମରିଛନ୍ତି କେତେ କେତେ ସ୍କୁଲପଢ଼ା ଶିଶୁ । ପ୍ରତି ଆକ୍ରମଣ ବି ଚାଲିଛି ତା' ବାଟରେ । ବାହାରିନରୁ କୁଏଟ୍ ଯାଏ ବିଭିନ୍ନ ମାର୍କିନ ସାମରିକ ଘାଟି ଉପରେ ବର୍ଷୁଛି ଇରାନର ମିସାଇଲ । ଭୁଶୁଡ଼ି ପଡୁଛି ତେଲ୍‌ଆବିଭ୍‌ର ବଡ଼ବଡ଼ କୋଠା । ଅନୁପମ ଟିଭି, ୟୁଟ୍ୟୁବ୍‌ରୁ ଦେଖୁଛି ବୋମା ବର୍ଷଣର ଭୟାନକ ଦୃଶ୍ୟ । ଶୁଣୁଛି ମିସାଇଲର ଛାତିଥରା ସିଂ ସିଂ ଶବ୍ଦ । ଦେଖୁଛି, ଶୁଣୁଛି ବିଭିନ୍ନ ଯୁଦ୍ଧ ବିଶାରଦଙ୍କ ଟିପ୍ପଣୀ । ବିବିସିରୁ ଅଲଜଜିରା ଯାଏ ସବୁ ଚ୍ୟାନେଲରେ ବିଭିନ୍ନ ପ୍ରକାର ବିଶ୍ଳେଷଣରେ ଉତ୍ତେଜିତ ହେଉଛି । ମନେ ମନେ କହିଯାଉଛି କେତେ କଥା ଯେମିତି ପବନ ବୁହାଇନେବ ତା'ର ମତାମତ ଯୁଦ୍ଧଖୋର୍ ନେତାମାନଙ୍କ କାନକୁ । କେତେବେଳେ ସେ କାହା ପକ୍ଷ ନେଉଛି ଠିକ ନାହିଁ । ଶୋଇଯିବା ସମୟ ବାଦ ବାକି ସମୟ ତା'ର ମୁଣ୍ଡକୁ କବଳିତ କରିଛି ଯୁଦ୍ଧ ଚିନ୍ତା । ଚିନ୍ତା ନୁହେଁ ଯେମିତି ଗୋଟେ ଉନ୍ମାଦନା । ଯୁଦ୍ଧ ବ୍ୟତିରେକ ଘରେ ବାହାରେ ଫିଟିକି ଦିଶୁଥିବା ଅନ୍ୟ ବାସ୍ତବତାଠାରୁ ପଳାୟନର ଇଏ ଗୋଟେ ସହଜ ବାଟ ! ଯୁଦ୍ଧ ଯେମିତି ତା' ପାଇଁ ଗୋଟେ ସମୟ କାଟିବାର ବିଷୟ ବସ୍ତୁ ।

ସହର ହୋଇ ନ ଥିବା ତା' ଗାଁର ଖରାଟିଆ ଆକାଶରେ ଭାସି ବୁଲୁଥିବା ହାଲକା ମେଘରେ ଆଜିକାଲି ତାକୁ ଦିଶୁଛି ବିଷାକ୍ତ ଧୂଆଁର ବିସ୍ଫୋରଣ । ପିଲାଏ କାନ୍ଦିଲେ, ଗୋରୁ ଗୋଠଛଡ଼ା ହୋଇ ଦୌଡ଼, ଗାଁରେ ଭାଗ କି ଦାୟିତ୍ୱ ବଣ୍ଟାର କନ୍ଦଳ, ତା' ଘର କବାଟ ଡେଇଁ ପଶିଲେ ତାକୁ ଲାଗୁଚି ଯୁଦ୍ଧ ଖୁବ ପାଖରେ ଚାଲିଛି । ଟ୍ରାକ୍ଟର କି ବସ୍ ତା' ଘର ରାସ୍ତା ଦେଇ ଗଲାବେଳେ ତା'ର ପୁରୁଣାକାଳିଆ କଡ଼ି ବରଗା ଛାତ ଦୁଲୁକି ଉଠିଲେ ତାକୁ ଲାଗୁଛି ବୋମାଟେ ଫୁଟି ବାଟ ଖୋଜି ଖୋଜି ପହଞ୍ଚୁଛି ତା' ଗାଁରେ ତାକୁ ବରବାଦ କରିଦେବାକୁ । ଖୁବ୍ ଶଙ୍କା ତା' ଭିତରେ । କଳ୍ପିତ ଦୁଃଖ ଓ ଉଦ୍‌ବେଗ ତାକୁ ଦୋହଲାଇ ଦେଉଛନ୍ତି ସମୟ ଅସମୟରେ ।

ଏହି ସବୁ ଭାବନା ଭିତରେ କାନ୍ଦିଲା ଭଳି ଶବ୍ଦ କରି ହଠାତ୍ ବନ୍ଦ ହୋଇଗଲା ତା'ର ବାଇକ । ଜାଣିଲା ତା'ର ପେଟ୍ରୋଲ ସରିଛି । କେତେଦିନୁଁ ରିଜର୍ଭରେ ସେ ଗାଡ଼ି ଚଳାଉଥିଲା ତା'ର ମନେ ନାହିଁ । ଟାଙ୍କି ଯାଏ କୌଣସି ମତେ ଗାଡ଼ି ଗଡ଼ାଇ ଯାଇ ସେ ଦେଖିଲା ଟାଙ୍କି ବନ୍ଦ । ଯୁଦ୍ଧ ପାଇଁ ପେଟ୍ରୋଲ ଯୋଗାଣ ବାଧାପ୍ରାପ୍ତ । ସେ ଏବେ ଘରକୁ ଫେରିବ କେମିତି ? ଯୁଦ୍ଧର ସିଧା ସଳଖ ପ୍ରଭାବ ଏବେ ଅନୁପମ ଉପରେ ତାକୁ ଲାଗିଲା । ଯୁଦ୍ଧ ବିରତି ନ ହେଲେ ଆଗକୁ କ'ଣ ସବୁ ଘଟିପାରେ ଦ୍ରୁତଗତିରେ ଭାବିନେଲା ସେ । ଛଟପଟେଇ ଗଲା ଯୁଦ୍ଧ ତିଆରି ଆତଙ୍କରେ ।




*– ଅଧକ୍ଷା, ସେଣ୍ଟ ଜାଭିଅର କିଡ୍ସ*
*ବାଲିପୁଟ, ପୁରୀ*
*ମୋ: ୭୯୭୮୫୭୯୩୯୯*



# ଭାଙ୍ଗି ପଡ଼ିଥିଲେ ଦିବ୍ୟା



ଦିବ୍ୟା

ଦିବ୍ୟା ଭାରତୀ ମାତ୍ର ଅଳ୍ପ ବର୍ଷର ଆକ୍ଟିଂ କ୍ୟାରିୟର ଭିତରେ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଥିଲେ । ହେଲେ ବଲିଉଡ୍ କ୍ୟାରିୟରର ପ୍ରାରମ୍ଭିକ ଅବସ୍ଥାରେ ତାଙ୍କୁ ବେଶ୍ କିଛି ଉତ୍ଥାନ ପତନ ଦେଇ ଗତି କରିବାକୁ ପଡିଥିଲା । ଏକଦା ଗୋବିନ୍ଦାଙ୍କ ବଡ ଭାଇ କିର୍ତ୍ତୀ କୁମାର ତାଙ୍କର ନୂଆ ସିନେମା 'ରାଧା କି ସଙ୍ଗମ'ରେ ଦିବ୍ୟାଙ୍କୁ ସାଇନ୍ କରାଇବାକୁ ଚାହିଁଥିଲେ । ଏପରିକି ଏ ନେଇ କଥାବାର୍ତ୍ତା ଶେଷ ପର୍ଯ୍ୟାୟରେ ମଧ୍ୟ ପହଞ୍ଚିଥିଲା । କିନ୍ତୁ ରାତାରାତି ଚକ ଓଲଟି ଗଲା । ଦେଖିଲାବେଳକୁ ଏହି ଫିଲ୍ମର କାଷ୍ଟିଂରେ ଦିବ୍ୟାଙ୍କ ସ୍ଥାନରେ ଜୁହି ଚାୱ୍ଲାଙ୍କୁ ନିଆଯାଇଥିଲା । ଅବଶ୍ୟ ଏହି ସମୟରେ ଦିବ୍ୟା ସ୍କୁଲରେ ପଢୁଥିଲେ । ତଥାପି ଏପରି ଏକ ସୁଯୋଗ ହାତରୁ ଖସିଯିବା ପରେ ସେ ଭାଙ୍ଗି ପଡିଥିଲେ । ତାଙ୍କର ଦୁଃଖ ଏତିକିରେ ଶେଷ ହୋଇ ନ ଥିଲା ଏହାପରେ ବଲିଉଡ୍‌ର ଅନ୍ୟତମ ନାମୀ ପ୍ରଯୋଜକ ବୋନି କପୁର ତାଙ୍କୁ 'ପ୍ରେମ'ରେ ସଞ୍ଜୟ କପୁରଙ୍କ ଅପୋଜିଟ୍‌ରେ କାଷ୍ଟିଂ କରିବାକୁ ଚାହୁଁଥିଲେ । ଏଇ ସୁଯୋଗ ମଧ୍ୟ ଦିବ୍ୟାଙ୍କ ହାତରୁ ଚାଲି ଯାଇଥିଲା । ଶେଷରେ ଏହି ରୋଲ୍ ପାଇଁ ତବୁଙ୍କୁ ସାଇନ୍ କରାଯାଇଥିଲା । ହିନ୍ଦୀ ସିନେମା ଜଗତର ଶୋ'ମ୍ୟାନ୍ ସୁଭାଷ ଘାଇ ମଧ୍ୟ ଦିବ୍ୟାଙ୍କୁ ବ୍ରେକ୍ ଦେବାକୁ ଚେଷ୍ଟା କରିଥିଲେ । ସୁପରହିଟ୍ ଫିଲ୍ମ 'ସୌଦାଗର'ରେ ବିବେକ ମୁସରାନଙ୍କ ନାୟିକା ଭାବରେ ତାଙ୍କୁ ନେବାକୁ ସୁଭାଷ ଯୋଜନା କରିଥିଲେ । ହେଲେ ତାହା ମଧ୍ୟ ସଫଳ ହୋଇ ନ ଥିଲା । ଶେଷରେ ଏହି ରୋଲ୍ ପାଇଁ ମନୀଷା କୋଇରାଲାଙ୍କୁ ସାଇନ୍ କରାଯାଇଥିଲା । ତେବେ ୧୯୯୨ରେ ରିଲିଜ ହୋଇଥିବା ହିନ୍ଦୀ ସିନେମା 'ଦିୱାନା' ହିଟ୍ ହୋଇଥିଲା ଏବଂ ତା'ପରେ ଦିବ୍ୟା ଭାରତୀ ଗୋଟିଏ ପରେ ଗୋଟିଏ ହିଟ୍ ସିନେମାରେ ଅଭିନୟ କରିଚାଲିଥିଲେ ।


# ଟାଇଟଲ ଟେନ୍‌ସନ୍



ଅହାନ

ନବାଗତ ଅହାନ ପାଣ୍ଡେଙ୍କ ଖୁସି କହିଲେ ନ ସରେ । ପ୍ରଥମ ସିନେମା 'ସୈୟାରା' ବ୍ଲକବଷ୍ଟର ସାବ୍ୟସ୍ତ ହୋଇଥିଲା । ଆଉ ଏବେ ସେ ନିଜର ଦ୍ୱିତୀୟ ସିନେମାର ଶୁଟିଂରେ ବ୍ୟସ୍ତ ଅଛନ୍ତି । ଏହାର କାହାଣୀ କେବଳ ରୋମାଣ୍ଟିକ ନୁହେଁ, ଆକ୍ସନ ଭତ୍ତିକ ମଧ୍ୟ । ବଲିଉଡ୍‌ର ନାମୀ ବ୍ୟାନର ଯଶରାଜ ଫିଲ୍ମସ ଏହାକୁ ନିର୍ମାଣ କରୁଛି । ହେଲେ ଫିଲ୍ମଟିର ଟାଇଟଲ ଏ ପର୍ଯ୍ୟନ୍ତ ଫାଇନାଲ ହୋଇପାରି ନାହିଁ । ଏ ବିଷୟରେ ଅହାନ କହନ୍ତି, ''ଫିଲ୍ମଟିର କାହାଣୀ ଶୁଣିବା ପରେ ତାହା ମୋତେ ବେଶ୍ ଇମ୍ପ୍ରେଶ କରିଥିଲା । ନିକଟରେ ଏହାର ଶୁଟିଂ ଆରମ୍ଭ ହୋଇଯାଇଛି । ଏଥିରେ ଦର୍ଶକ ମୋତେ ଏକ ଡିଫରେଣ୍ଟ କ୍ୟାରେକ୍ଟରରେ ଦେଖିବାକୁ ପାଇବେ । ହେଲେ ଏହାର ଟାଇଟଲ ଫାଇନାଲ ହୋଇପାରି ନାହିଁ । ଆସନ୍ତା ଦୁଇ ସପ୍ତାହ ଭିତରେ ତାହା ଚୁଡାନ୍ତ ହେବ ବୋଲି ଜଣାପଡିଛି । ପ୍ରଥମ ସିନେମାଟି ହିଟ୍ ହେବା ପରେ ତାହା ମୋ ମନରେ ଆତ୍ମବିଶ୍ୱାସ ଭରି ଦେଇଛି । ଆଉ ତାହାକୁ ପାଥେୟ କରି ନିଶ୍ଚୟ ଆଗେଇବି ।'' ଏହି ଅନଟାଇଟଲଡ୍ ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ଅଲ୍ଲୀ ଆବାସ ଜାଫର । ଶର୍ବରୀ ଉକ୍ତ ସିନେମାରେ ଅହାନଙ୍କ ନାୟିକା ସାଜିବେ । ହେଲେ ଏଥିରେ 'ସୈୟାରା'ର ନାୟିକା ଅନୀତ ପଡ୍ଡା ମଧ୍ୟ ଅଭିନୟ କରିବେ ବୋଲି ଶୁଣାଯାଉଛି । ଅନ୍ୟପକ୍ଷରେ ଏହି ଫିଲ୍ମର ମୁଖ୍ୟ ଭୂମିକା ପାଇଁ କେବଳ ଅହାନ୍ ହିଁ ଫିଟ୍ ବୋଲି କହନ୍ତି ନିର୍ଦ୍ଦେଶକ । ତେବେ ଏଇ ନୂଆ ସିନେମାରେ କ'ଣ ମସଲା ରହିଛି ତାହା ପରଦା ଉପରକୁ ଆସିବା ପରେ ହିଁ ଜଣାପଡିବ ।

# ଦିନ ଗଣୁଛନ୍ତି ଅନନ୍ୟା



ଲକ୍ଷ୍ୟ–ଅନନ୍ୟା

ଅନନ୍ୟା ପାଣ୍ଡେ ଏବେ ଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି । ହେଲେ କାହିଁକି ଜାଣିବେନି ? କଥା କ'ଣ କି ସେ ଅଭିନୟ କରିଥିବା ରୋମାଣ୍ଟିକ୍ ଲଭ ଷ୍ଟୋରି ଉପରେ ଆଧାରିତ 'ଚାନ୍ଦ ମେରା ଦିଲ୍' ଫିଲ୍ମଟି ଆସନ୍ତା ମାସ ୨୨ ତାରିଖରେ ରିଲିଜ ହେବାକୁ ଯାଉଛି । ଆଉ ଉକ୍ତ ଫିଲ୍ମର ସଫଳତାକୁ ନେଇ ଦୃଢ଼ ଆଶାବାଦୀ ଅଛନ୍ତି ଅନନ୍ୟା । ଏ ବିଷୟରେ ସେ କହନ୍ତି, ''ଯେତେବେଳେ କରନ୍ ସାର୍ ମୋତେ ଏହାର କାହାଣୀ ଶୁଣାଇଲେ ସେତେବେଳେ ମୁଁ ଜାଣିସାରିଥିଲି ଯେ ଫିଲ୍ମଟି ରିଲିଜ ପରେ ନିଶ୍ଚୟ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହେବ । ଏଥିରେ ମୋ ଅପୋଜିଟ୍‌ରେ ଅଛନ୍ତି ଲକ୍ଷ୍ୟ । ଏହାର ଶୁଟିଂ ସମୟରେ ଆମେ ନିଜର ଦ ବେଷ୍ଟ ଦେବାକୁ ଚେଷ୍ଟା କରିଛୁ । ବାକି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡିବ । ଫିଲ୍ମଟିର ରିଲିଜ ଡେଟ୍ ଯେତେ ପାଖେଇ ଆସୁଛି ମୋର ଉତ୍କଣ୍ଠା ସେତେ ବଢ଼ି ବଢ଼ି ଚାଲିଛି ।'' ଧରମ ପ୍ରଡକ୍ସନ ବ୍ୟାନରରେ ଏହାକୁ ପ୍ରଯୋଜନା କରିଛନ୍ତି କରନ୍ ଜୋହର, ଆଦର ପୁନାୱାଲା ଏବଂ ଅପୂର୍ବା ମେହେଟ୍ଟା । ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଅପୂର୍ବ ସୋନି । ନିକଟରେ ଏହାର କିଛି ପୋଷ୍ଟର ଏବଂ ଟିଜର ରିଲିଜ ହୋଇଛି । କେବଳ ସେତିକି ନୁହେଁ, ମାତ୍ର ଦିନ କେଇଟାରେ ଏଗୁଡିକୁ ସିନେପ୍ରେମୀ ବେଶ୍ ପ୍ରଶଂସା କରୁଥିବାର ଦେଖିବାକୁ ମିଳିଛି । ତେବେ ଫିଲ୍ମଟିରେ କି ମସଲା ରହିଛି ତାହା ଜାଣିବାକୁ ହେଲେ ଏହାର ରିଲିଜ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ।

## ଜୀ ସାର୍ଥକରେ 'କୁହୁଡ଼ି'

ରାଜ୍ୟର ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକ ପକ୍ଷରୁ ଏଥର ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ଏକ ସୁନ୍ଦର ଭେଟି ଦିଆଯାଉଛି । ଚଳିତ ମାସ ୧୨ ତାରିଖ ରବିବାର ଦିନ ଏହି ଚ୍ୟାନେଲରେ ପ୍ରସାରିତ ହେବାକୁ ଯାଉଛି ଅନୁଭବ ମହାନ୍ତିଙ୍କ ଅଭିନୀତ ଦର୍ଶକାଦୃତ ଓଡ଼ିଆ ସିନେମା 'କୁହୁଡି' । ଉକ୍ତ ସିନେମାର ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୬.୩୦ । ଅସଲ କଥା ହେଲା ପ୍ରଥମ ଥର ପାଇଁ 'କୁହୁଡି' ଛୋଟ ପରଦାରେ ପ୍ରସାରିତ ହେବ । ଚଳଚ୍ଚିତ୍ରର କାହାଣୀ ଅନୁସାରେ ଜଣେ ସାହସୀ ଆଇନଜୀବୀ ଅଂଶୁମାନ ପଟ୍ଟନାୟକ (ଅନୁଭବ) ନ୍ୟାୟ ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଏଥିରେ ଏକ ଭୟଙ୍କର ଅଭିଯୋଗର ଶିକାର ହୋଇଥିବା ପିତାଙ୍କୁ ନ୍ୟାୟ ଦେବାକୁ ସେ ଚେଷ୍ଟା କରିଛନ୍ତି । ଏହି ଫିଲ୍ମରେ କୋର୍ଟ ରୁମ୍ ଦୃଶ୍ୟଗୁଡିକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି । ସତ୍ୟର ସନ୍ଧାନ ଏବଂ ନ୍ୟାୟ ପାଇବା ପାଇଁ ଆଇନଜୀବୀଙ୍କ ଉଦ୍ୟମ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ । ସନ୍ଦେହ, ସଂଘର୍ଷ ଏବଂ ସତ୍ୟର ଏକ ନିଆରା ସମନ୍ୱୟ ହେଉଛି 'କୁହୁଡ଼ି' । ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଅଜୟ ପାଢ଼ୀ । ସୁପ୍ରିୟା ନାୟକ, ପ୍ରକୃତି ମିଶ୍ର ଏବଂ ଦୀପନ୍ୱିତ ଦାଶମହାପାତ୍ରଙ୍କୁ ଏଥିରେ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ମିଳିବ । ଏହି ଅବସରରେ ସାରା ଭାରତରେ ଥିବା ଓଡ଼ିଆ ଦର୍ଶକଙ୍କୁ ଜୀ ସାର୍ଥକ ଚ୍ୟାନେଲର ବିଜନେସ ହେଡ୍ ରାହୁଲ ରାଓ କହନ୍ତି, ''ଜୀ ସାର୍ଥକ ସଦାସର୍ବଦା ଓଡ଼ିଶାର ଦର୍ଶକମାନଙ୍କ ପାଇଁ ନୂଆ ଏବଂ ବାସ୍ତବଧର୍ମୀ କାହାଣୀ ଆଣିବାକୁ ଚେଷ୍ଟା କରିଥାଏ । 'କୁହୁଡ଼ି', ଯାହାର ଆଇଏମଡିବି ରେଟିଂ ୮.୪ ରହିଛି, ତାହା କେବଳ ଏକ ସିନେମା ନୁହେଁ, ବରଂ ଏହା ସମାଜର ଏକ ନିଷ୍ଠୁର ସତ୍ୟ ଉପରେ ପର୍ଯ୍ୟବସିତ । ଓଡ଼ିଶା ଓ ସାରା ଭାରତରେ ରହୁଥିବା ଆମର ପ୍ରିୟ ଓଡ଼ିଆ ଦର୍ଶକମାନେ ନିଜ ପରିବାର ସହ ଏହି ରହସ୍ୟପୂର୍ଣ୍ଣ ଚଳଚ୍ଚିତ୍ରର ଆନନ୍ଦ ନେବେ ବୋଲି ମୋର ବିଶ୍ୱାସ ।''



ଅନୁଭବ

# ହୃତିକଙ୍କ ପ୍ରଶଂସାରେ ମୃଣାଳ

ମୃଣାଳ ଠାକୁର ଏବେ ହୃତିକ ରୋଶନଙ୍କ ପ୍ରଶଂସାରେ ଶତମୁଖ । ହେଲେ ଏହା ପଛରେ ତ ନିଶ୍ଚୟ କିଛି କାରଣ ଥିବ । କଥା କ'ଣ କି ଏକ ନୂଆ ପ୍ରୋଜେକ୍ଟରେ ସେ ହୃତିକଙ୍କ ନାୟିକା ସାଜିବାର ଅଛି । ତେଣୁ ଏଭଳି ଖବର ଶୁଣିବା ପରେ ସେ ଖୁସିରେ ଉଚ୍ଛୁଳୁଛନ୍ତି । ୨୦୧୯ରେ ରିଲିଜ ହୋଇଥିବା 'ସୁପର ୩୦'ରେ ସେ ହୃତିକଙ୍କ ନାୟିକା ଭାବରେ ପରଦା ଉପରକୁ ଆସିଥିଲେ । ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜନେସ୍ ମଧ୍ୟ କରିଥିଲା । ଏବେ ପୁଣିଥରେ ହୃତିକଙ୍କ ସହ ଅଭିନୟ କରିବାର ସୁଯୋଗ ତାଙ୍କୁ ମିଳୁଛି ବୋଲି ବୋଲି ଆଲୋଚନା ହେଉଛି । ଏହା ଶୁଣିବା ପରେ ମୃଣାଳ କହନ୍ତି, ''ଯଦି କଥାଟି ସତ ହୁଏ, ତେବେ ମୋ ଠାରୁ ଅଧିକ ଖୁସି କେହି ହେବେନି । କାରଣ 'ସୁପର ୩୦'ରେ ଆମ ଯୋଡିକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ । ସେତେବେଳେ ତାଙ୍କ ଠାରୁ ଡ୍ୟାନ୍ସ ସମ୍ପର୍କରେ ଅନେକ କିଛି ଶିଖିଛି । ତାଙ୍କ ସହ ଡ୍ୟାନ୍ସ କରିବା ଏତେ ସହଜ ନୁହେଁ ।'' ବର୍ତ୍ତମାନ ମୃଣାଳ ଅଭିନୟ କରିଥିବା ଦୁଇଟି ହିନ୍ଦୀ ସିନେମା 'ହେ ଜୱାନୀ ତୋ ଇସ୍କ ହୋନା ହେ'ର ଶୁଟିଂ ଏବଂ 'ପୂଜା ମେରି ଜାନ୍'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି । ତା'ସହ ସେ ତେଲୁଗୁ ଫିଲ୍ମ 'ଡ଼ାକାଇତ'ରେ ମଧ୍ୟ ଅଭିନୟ କରୁଛନ୍ତି ।



ମୃଣାଳ

# ଦୋଛକିରେ ତାରା

ତାରା ସୁଟାରିଆ ଏବେ ଦୋଛକିରେ ପଡିଛନ୍ତି । କାରଣ ଏକାଥରେ ତାଙ୍କୁ ଦୁଇଟି ଅଫର ମିଳିଛି । ପୁଣି ତାହା ନାମୀ ବ୍ୟାନରରୁ । ହେଲେ ସମସ୍ୟା ଏଇଆ ଯେ ଫିଲ୍ମଦ୍ୱୟର ଶୁଟିଂ ଏକାଥରେ ଆରମ୍ଭ ହେବ । ତେଣୁ ଏହାଭିତରୁ କାହାକୁ ହଁ ଭରିବେ ଆଉ କାହାକୁ ମନା କରିବେ ସେ ନେଇ ଅଡୁଆରେ ପଡିଛନ୍ତି । ଏ ବିଷୟରେ ତାରା କହନ୍ତି, ''ଯେହେତୁ ଦୁଇଟି ନୂଆ ଫିଲ୍ମ ବିଷୟରେ କଥାବାର୍ତ୍ତା ଚାଲିଛି ତେଣୁ ପ୍ରଯୋଜନା ସଂସ୍ଥାର ନାମ ଘୋଷଣା କରିବା ଉଚିତ ମନେ କରୁନାହିଁ । ହେଲେ ମୋ ପାଇଁ ଗୋଟିଏ ଜିନିଷ ଅଡୁଆ ହୋଇଛି । ଫିଲ୍ମଦ୍ୱୟର ଶୁଟିଂ ଏକାଥରେ ଆରମ୍ଭ ହେବ । ତେଣୁ ଏହି ଦୁଇଟି ନୂଆ ଅଫରକୁ ଗ୍ରହଣ କରିବି ନା ଗୋଟିଏ ସୁଯୋଗ ହାତଛଡା କରିବି ସେ ନେଇ ଦ୍ୱନ୍ଦ୍ୱରେ ପଡିଛି । ଅବଶ୍ୟ ପ୍ରଯୋଜନା ସଂସ୍ଥା ପକ୍ଷରୁ ମୋତେ ଦୁଇ ସପ୍ତାହ ସମୟ ଦିଆଯାଇଛି । ଯାହାହେଲେ ବି ଏହା ଭିତରେ ମୋତେ କିଛି ନା କିଛି ଶେଷ ନିଷ୍ପତ୍ତି ନେବାକୁ ପଡିବ । ଯଦି ମୁଁ ଆହୁରି ସମୟ ମାଗିବି ତେବେ ହୁଏତ ସେମାନେ ରାଜି ହୋଇ ନ ପାରନ୍ତି ।'' ତାରାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୯ରୁ ଆଉ ଫିଲ୍ମଟି ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର–୨' । ନିଜର ସାତ ବର୍ଷର ଆକ୍ଟିଂ କ୍ୟାରିୟରରେ ସେ ମାତ୍ର ହାତଗଣତି ଫିଲ୍ମରେ ଅଭିନୟ କରିଛନ୍ତି ।



ତାରା

ପ୍ରଥମ ରୋଜଗାର

# ପ୍ରଥମ ରୋଜଗାର ମୋ ଭିତରେ ଆଣି ଦେଇଥିଲା ଆତ୍ମବିଶ୍ୱାସ



ସାହିତ୍ୟିକା ଶର୍ମିଷ୍ଠା ଜେନା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି..

ନିମ୍ନ ମଧ୍ୟବିତ୍ତ ପରିବାର ଆମର। ଆମେ ଭାଇ ଭଉଣୀ ପାଞ୍ଚ ଜଣ। ଗଣ୍ଡେ ଖାଇବା ପିନ୍ଧିବା ଆଉ ସରକାରୀ ସ୍କୁଲରେ ପଢ଼ିବା ସେତେବେଳେ ମୌଳିକ ଆବଶ୍ୟକତା ଥିଲା। ଆମେ କେବଳ ପର୍ବପର୍ବାଣିରେ ନୂଆ ପିନ୍ଧୁଥିଲୁ। ଏମିତି ସାଧାରଣ ଜୀବନ ଜିଉଥିବା ବେଳେ ମୋ ମନରେ ଝୁଙ୍କ ଥାଏ ଯେ, ମୁଁ ନିଶ୍ଚୟ କିଛି କରିବି। ବାପା ବୋଉଙ୍କୁ ଆର୍ଥିକ ସାହାଯ୍ୟ କରିବି। ପିଲାଦିନେ ଅନେକ ସମସ୍ୟା ମଧ୍ୟରେ ଗତି କରି ଗାଁ କଲେଜରେ ପଢି କଳାରେ ସ୍ନାତକ କଲି।

ତା'ପରେ ଇଚ୍ଛା ଥିଲା ବାହାରକୁ ଯାଇ ପାଠ ପଢ଼ିବି। କିନ୍ତୁ ତାହା ସମ୍ଭବ ହୋଇ ପାରିଲା ନାହିଁ। ଝିଅଟେ ବୋଲି ବାପା ବୋଉ ବାହାରକୁ ଛାଡିବାକୁ ସାହସ କଲେ ନାହିଁ। ସେଥିପାଇଁ ପାଠରେ ମୋର ଡୋରି ପଡ଼ିଗଲା । ମନ ଦୁଃଖ କଲି ବୋଲି ବୋଉ କହିଲା, 'ଶାଶୁଘରକୁ ଯାଇ ପଢ଼ିବୁ'। ଏହି ସମୟରେ ଆମ ଗାଁରେ ମୋର ଜଣେ ବଡ଼ ଭଉଣୀ, ନିଜସ୍ୱ ପ୍ରଚେଷ୍ଟାରେ ଗୋଟିଏ ଶିଶୁମନ୍ଦିର ସ୍କୁଲ ଆରମ୍ଭ କରିଥାନ୍ତି। ସେ କଥା ଶୁଣି ମୁଁ ବାପା ବୋଉଙ୍କୁ ଅନେକ କାକୁତି ମିନତି ହେଲି। ଅନ୍ତତଃ ମତେ ଏହି ସ୍କୁଲରେ କିଛି ଦିନ କାମ କରିବାକୁ ଦିଅ। ଶେଷରେ ମୋ କଥା ରହିଲା। ମୁଁ ଶିକ୍ଷକ ନିଯୁକ୍ତି ପାଇଁ ହେଉଥିବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସ୍କୁଲରେ ଯୋଗ ଦେଲି । ବହୁତ ପରିଶ୍ରମ ପଡୁଥିଲେ ବି ଖୁବ୍ ଖୁସି ଲାଗୁଥିଲା। ଭାବୁଥିଲି ଯାହା ହେଉ ଭଗବାନ ମୋ ଡାକ ଶୁଣିଲେ। ଏବେ ମୁଁ କିଛି କରିପାରିବି। ସେତେବେଳେ ଅଳ୍ପ ପିଲାଙ୍କୁ ନେଇ ସ୍କୁଲ ଚାଲୁଥିଲା। ଗାଁର ଲୋକମାନେ ଯେତିକି ଟଙ୍କା ପିଲାଙ୍କ ଦରମା ବାବଦକୁ ଦେଉଥିଲେ, ସେଥିରେ ବିଦ୍ୟାଳୟର ଖର୍ଚ୍ଚ ଯିବାପରେ ଆମକୁ ଅଳ୍ପ କିଛି ମିଳୁଥିଲା। ଯେଉଁଦିନ ମୋତେ ପ୍ରଥମ କରି ଦୁଇ ଶହ ଟଙ୍କା ବଡ଼ ଗୁରୁମା' ଅର୍ଥାତ୍ ସେଇ ବଡ଼ ଅପା ଡାକି ମୋ ହାତକୁ ବଢ଼ାଇଥିଲେ ସେ ସମୟର ଖୁସି ମୋର ଏବେ ବି ମନେ ଅଛି। ତାକୁ ଧରି କେମିତି ଆସି ଘରେ ପହଞ୍ଚି ବାପା ବୋଉଙ୍କୁ ଜଣେଇବି ସେ କଥା ଭାବି ଭାବି ଆସିବା ବେଳେ ମନେ ମନେ ଖୁବ୍ ହସୁଥିଲି। ବୋଉ ହାତରେ ଧରାଇବା ପରେ ତା' ମୁହଁରେ ଆତ୍ମସନ୍ତୋଷର ହସ ଦେଖିଥିଲି। ବାପା ବି ମନକୁ ଟାଣ କରୁଥିଲେ। ଭାବୁଥିଲେ ବୋଧେ ଜୀବନରେ ଯଦି କିଛି ଅସୁବିଧା ଆସେ ତେବେ ତାଙ୍କ ଝିଅ ହାରିଯିବ ନାହିଁ। ତା'ପରେ ବାହାଘର, ଆଉ ବୋଉର ସେ ଶାଶୁଘର ଯାଇ ପାଠ ପଢ଼ିବୁ, କୁଆଡ଼େ ସ୍ୱପ୍ନ ହୋଇଗଲା, ସେକଥା ମୁଁ ଜାଣି ପାରିଲି ନାହିଁ କି ଅବସୋସ କରିବାକୁ ବି ସମୟ ପାଇଲି ନାହିଁ। ଯୌଥ ପରିବାରକୁ ବୋହୂ ହୋଇ ଆସି ପୁଣି ପାଠପଢ଼ା ? ତା'ପରେ ଅନେକ ବର୍ଷର ବ୍ୟବଧାନ। ଆଉ ମନ ତଳର ସେଇ ସ୍ୱାବଲମ୍ବୀ ହେବାର ନିଶା କେବେ କେମିତି ମନରେ ରହି ଯାଇଥିଲା। ଘର ବାହାରକୁ ନ ଯାଇ ବି କିଛି କରିପାରିବି ସେକଥା ଚିନ୍ତା କଲି। ସ୍ୱାମୀଙ୍କ ଅନୁମତିରେ ଭାଇର ସାହାଯ୍ୟ ନେଇ ଏଇ କିଛିବର୍ଷ ହେଲା ଗୋଟେ ବ୍ୟବସାୟ ଆରମ୍ଭ କରିଛି। ନିଜ ସ୍ୱପ୍ନ ସାକାର କରିବା ପାଇଁ ଚେଷ୍ଟା କରୁଛି। ଏବେ କିଛି କିଛି ରୋଜଗାର ହେଉଥିଲେ ବି ବଡ଼ ଗୁରୁମା'ଙ୍କ ହାତରୁ ସେଇ ଦୁଇ ଶହ ଟଙ୍କା ପାଇ ବୋଉ ହାତରେ ଆଣି ଧରାଇବା ଖୁସି ମୋର ଆଜି ବି ମନେ ପଡ଼େ। ଆଉ ବାପା ବୋଉଙ୍କର ଗୋଟେ ରୋଜଗାରିଆ ଝିଅ ଥିଲି ବୋଲି ମନେ ମନେ ଗର୍ବ କରେ। ଆତ୍ମସନ୍ତୋଷ ପାଏ। କବିତା ଲେଖିବାକୁ ମୁଁ ଭଲପାଏ। ମୋ ଲିଖିତ ପ୍ରବନ୍ଧ ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ମୋତେ ବହୁ ପାଠକୀୟ ପ୍ରଶଂସା ମଧ୍ୟ ମିଳିଛି।

ସାଥୀ

# ସୁନ୍ଦରୀର ହସ, କେତେବେଳେ ରସଗୋଲା, କେତେବେଳେ ବିଷ



**ପ୍ରଶ୍ନ**–ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ହେଲେ ମୋ ଆଖିରେ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ସେହି ହସରେ କ'ଣ ପ୍ରେମ ରହିଛି ? *–ସନ୍ଦୀପ, ପୁରୀ*

**ଉତ୍ତର:** ସୁନ୍ଦରୀଙ୍କ ହସରେ ଅନେକ କଥା ଲୁଚି ରହିଥାଏ। ହେଲେ ତା' ଭିତିରି ଚାର୍ମ ଅନୁଭବ କରିପାରିଲେ ହେଲା। 'ସୁନ୍ଦରୀର ହସ, କେତେବେଳେ ରସଗୋଲା, କେତେବେଳେ ବିଷ'। ସେହି ଲାଜୁଆ ହସକୁ ଯଦି ତର୍ଜମା କରି ତା'ର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରୁଛନ୍ତି କାହିଁକି? ଡେରି ହେଲେ ଚାନ୍ସଟା ଆଉ କିଏ ମାରିନେଇପାରେ! ପୁଣି ଉଲ୍ଲେଖ କରିଛନ୍ତି, ଆପଣଙ୍କ ଆଖି ସହ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ବାସ୍, ଏପରି ସୁଯୋଗକୁ ଆଦୌ ହାତଛଡା କରନ୍ତୁ ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟରେ ଆପଣ ପରମାନେଣ୍ଟ ଘର କରିପାରିବେ।

**ପ୍ରଶ୍ନ**–ମୁଁ କଲେଜରେ ପଢ଼ିବା ବେଳେ ଜଣେ ଝିଅ ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲି ସେ ମୋଠାରୁ ବୟସରେ ବଡ। ଏବେ କ'ଣ କରିବି ଜାଣିପାରୁନି ? *–କମଳ କୁମାର, ଅନୁଗୋଳ*

**ଉତ୍ତର:** ଏପରି ପ୍ରେମ ଆରମ୍ଭ କରିବା ପୂର୍ବରୁ ଆପଣ ଓ ସେହି ଝିଅ ମଧ୍ୟରେ ବୟସର ପାର୍ଥକ୍ୟ କେତେ ଦେଖି ନିଅନ୍ତୁ। ନ ହେଲେ ପରେ ଏହା ଏକ ପ୍ରମୁଖ ସମସ୍ୟା ହୋଇ ଠିଆ ହୋଇପାରେ। ତେବେ ଏହି ଘଟଣା ଆପଣଙ୍କ କଲେଜ ଜୀବନ ଆରମ୍ଭ ନା ଶେଷରେ ଘଟିଛି ତାହା ଲେଖିଲେ ନାହିଁ। ଏପରି ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ନ ହେଲେ କେତେବେଳେ ଏହି ପ୍ରେମର ମିନାରଟି ଭୁଶୁଡି ପଡିବ ତାହା ଜାଣିପାରିବେ ନାହିଁ।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ କେତେଜଣ ଝିଅ ନଖରାମି କରନ୍ତି କାହିଁକି ? *–ତପନ କୁମାର, ସୁନାବେଡା*

**ଉତ୍ତର:** ଝିଅଙ୍କ ମାନସିକତାକୁ ତର୍ଜମା କରିବା ଏତେ ସହଜ କଥା ନୁହେଁ। କେତେଜଣ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ଆଉ ସେଇଥିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେଜଣ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲୁକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛର ଥିବା କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ମଜା ଆପଣ ପାଇପାରିବେ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ ଧୋକା ଦେଇ ଚାଲି ଗଲା। ତାକୁ ମୁଁ ଭୁଲି ପାରୁନି। ମୁଁ ଯଦି ପୁଣି ଥରେ ମୋ ନୂଆ ପ୍ରେମ ଆରମ୍ଭ କରେ ତାହା ଠିକ୍ ହେବ ତ ? *–ଅମରେନ୍ଦ୍ର, କଟକ*

**ଉତ୍ତର:** ପ୍ରେମରେ ଧୋକା ଖାଇବା ପରେ ତାହାକୁ ମନେ ରଖିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ଯଦି ସେ ପ୍ରେମିକା ଆପଣଙ୍କ ହାତକୁ ଅଧା ବାଟରେ ଛାଡି ଚାଲିଗଲା ତେବେ ତାକୁ ନେଇ ଆପଣ ଏତେ ଚିନ୍ତା କରିବାର କ'ଣ ଅଛି। ପ୍ରଥମେ ସେପରି ପ୍ରେମିକାକୁ ମନରୁ ପୋଛି ଦିଅନ୍ତୁ। କାରଣ ସେହି ପ୍ରେମକୁ ଯେତେ ମନେ ପକାଇବେ ତାହା ଆପଣଙ୍କ ମନକୁ ସେତେ ଆଘାତ ଦେବ। ଯଦି ନୂଆ ପ୍ରେମ ଆରମ୍ଭ କରିବାକୁ ମାଇଣ୍ଡ ମେକଅପ କରିଛନ୍ତି ତେବେ ପ୍ରଥମେ ତାହାର ମୂଳଦୁଆ ଦୃଢ଼ କରନ୍ତୁ। ନୂଆ ପ୍ରେମିକା ଯେମିତି ଅଧା ବାଟରେ ଧୋକା ଦେଇ ଚାଲି ନ ଯାଏ ତାହାର ବ୍ୟବସ୍ଥା ଆରମ୍ଭରୁ କରିନିଅନ୍ତୁ। ନ ହେଲେ ଏମିତି ପ୍ରେମରେ ଧୋକା ଖାଇ ଖାଇ ଆପଣ ଚିନ୍ତାର ଦୁନିଆର ଜଣେ ପରମାନେଣ୍ଟ ଯାତ୍ରୀ ହୋଇଯିବେ।

# ସଂଗୀତ ମାଧ୍ୟମରେ ସମସ୍ତଙ୍କ ମନ ଛୁଇଁବାକୁ ଚାହୁଁଛି



**ପି**ଲାଟି ବେଳୁ ଶୁଣୁଥିଲେ ମା'ଙ୍କ ଗୀତ। ମା'ଙ୍କ ସହ ସତ୍‌ସଙ୍ଗ ଯିବାରେ ବି ଥିଲା ତାଙ୍କର ଖୁବ୍ ଆଗ୍ରହ। ସଙ୍ଗୀତ ପ୍ରତି ତାଙ୍କର ଏହି ଆକର୍ଷଣ ହିଁ ତାଙ୍କୁ ପରବର୍ତ୍ତୀ ସମୟରେ ଜଣେ କଣ୍ଠଶିଳ୍ପୀର ପରିଚୟ ଦେଲା। ଇଏ ହେଲେ **ଏଲ୍ ନିତେଶ କୁମାର**। ଘର ଦେବଗଡ ଜିଲାର ଲାଲୁ ସାହିରେ। ବାପା ପ୍ରେମରାଜ ସାହୁ ବ୍ୟବସାୟ କରୁଥିବାବେଳେ ମା' ଲଳିତା ସାହୁ ଜଣେ ଗୃହିଣୀ। ତେବେ ସେ ଖୁବ ସୁନ୍ଦର ହାରମୋନିୟମ ବଜାଇବା ସହ ଗୀତ ଗାଆନ୍ତି। ବିଶେଷ କରି ଶାସ୍ତ୍ରୀୟ ସଙ୍ଗୀତରେ ତାଙ୍କର ରହିଛି ଗଭୀର ରୁଚି। କହିବାକୁ ଗଲେ ନୀତେଶଙ୍କ ରକ୍ତରେ ରହିଛି ସଂଗୀତ ଆଉ ତାଙ୍କ ମା' ହିଁ ତାଙ୍କର ପ୍ରଥମ ଗୁରୁ। ସେ କୁହନ୍ତି 'ଗୋଟେ ସଙ୍ଗୀତମୟ ପରିବେଶରେ ମୋ ପିଲାଦିନର ଆରମ୍ଭ। ମା' ତ ଗୀତ ଗାଆନ୍ତି କିନ୍ତୁ ବାପା ଗୀତ ନ ଗାଉଥିଲେ ବି ଗୀତ ପ୍ରତି ଥିଲା ତାଙ୍କର ପ୍ରବଳ ଆକର୍ଷଣ। ବାପା ହିଁ ସବୁଦିନ ସକାଳେ ଘରେ ଭଜନ ଲଗାନ୍ତି। ଅନୁପ ଜଲୋଟା, ହରିପ୍ରସାଦ ଚୌରାସିଆ, କବି ପ୍ରଦୀପ, ସୁରଦାସ ଓ କବିର ଭଜନ ଆଦି ଶୁଣି ଶୁଣି ମୁଁ ବଡ ହେଇଛି। ସେହି ଛୋଟ ବେଳୁ ମୋର ସଙ୍ଗୀତ ଶିକ୍ଷା ଆରମ୍ଭ। ପ୍ରଥମେ ଗୁରୁ ରାଜେନ୍ଦ୍ର ବେହେରାଙ୍କ ଠାରୁ ହିନ୍ଦୁସ୍ତାନୀ କ୍ଲାସିକାଲ ଶିଖିଲି। ଫିଜିକ୍ସରେ ଗ୍ରାଜୁଏସନ ସରିବା ପରେ ଉଚ୍ଚଶିକ୍ଷା ପାଇଁ ଭୁବନେଶ୍ୱର ଆସିଲି। ଏଠାରେ ଇଣ୍ଡଷ୍ଟ୍ରିଆଲ ସେଫ୍‌ଟି ଇଞ୍ଜିନିଅରିଙ୍ଗରେ ଡିପ୍ଲୋମା କରିବା ସହ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀଙ୍କଠାରୁ ସଙ୍ଗୀତ ଶିକ୍ଷା କଲି। ଏହାପରେ କଲିକତା ଯାଇ ଅନୋଲ ଚାଟାର୍ଜୀଙ୍କଠାରୁ ବି ସଙ୍ଗୀତ ଶିକ୍ଷା କଲି। ସେତେବେଳେ ମୁଁ ଖୁବ୍ ଶୁଣୁଥିଲି ମେହେନ୍ଦି ହାସନ, ଜଗଜୀତ ସିଂ, ଗୁଲାମ ଅଲ୍ଲୀ, ମହମ୍ମଦ ରଫି ଓ ତଲତ ମେହେମୁଦଙ୍କୁ। ତେବେ ମୁଁ ଯଦି ସବୁଠୁ ଅଧିକ ପ୍ରଭାବିତ ହୋଇଥିଲି କାହା ସଙ୍ଗୀତ ଦ୍ୱାରା ସେ ହେଲେ ପଦ୍ମଶ୍ରୀ ଅନୁପ ଜଲୋଟା ଓ ପଦ୍ମ ବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆ। ଯେବେ ବି ଭୁବନେଶ୍ୱରରେ ଏହି ସଙ୍ଗୀତଜ୍ଞଙ୍କର କନସର୍ଟ ହୁଏ ମୁଁ ଯୋଗ ଦେଇଥାଏ।'

ଏହି ସମୟରେ ନିତେଶଙ୍କୁ ମିନିଷ୍ଟ୍ରି ଅଫ କଲଚର ନୂଆଦିଲ୍ଲୀରୁ ସଙ୍ଗୀତରେ ସ୍କଲାରଶିପ ମିଳିଲା ; ଯାହା ତାଙ୍କୁ ତ ଉତ୍ସାହିତ କରିଥିଲା ଘରେ ବି ଏକ ଖୁସିର ମାହୋଲ ଖେଳି ଯାଇଥିଲା। ତା'ପରେ ପରେ ଅନୁପ ଜଲୋଟା ଭୁବନେଶ୍ୱର ଆସିଥାନ୍ତି। ସେ ଯାଇ ତାଙ୍କ ସହ ଦେଖା କଲେ ଆଉ ଅନୁପ ଜଲୋଟା ତାଙ୍କୁ ଶୁଣିବା ପରେ କହିଲେ ବମ୍ବେ ପଳାଇଆସ। ସେତେବେଳକୁ ପାଠ ପଢା ବି ସରିଯାଇଥାଏ। ସେ ବମ୍ବେ ଗଲେ ଆଉ ସେଇଠୁ ହିଁ ଆରମ୍ଭ ହେଲା ତାଙ୍କ ସଙ୍ଗୀତ ଜୀବନର ବିଧିବଦ୍ଧ ଯାତ୍ରା। ଅନୁପ ଜଲୋଟାଙ୍କ ଗୁରୁକୁଳ ହୋଇଗଲା ତାଙ୍କର ଅନ୍ୟତମ ଠିକଣା। ଭଜନ ସହ ଗଜଲ ବି ଗାଇଲେ। ଏ ଭିତରେ ସେ ଭାରତର ସବୁ ରାଜ୍ୟରେ ପ୍ରୋଗ୍ରାମ୍ କରିବା ସହ ସାଉଥ୍ ଆଫ୍ରିକା, ଦୁବାଇ, ଲଣ୍ଡନ ଆଦି ବିଭିନ୍ନ ଦେଶରେ ବି ପ୍ରୋଗ୍ରାମ କରିଛନ୍ତି। ସେ ମଧ୍ୟ ୟୁ.ପି ସରକାରଙ୍କ ନିମନ୍ତ୍ରଣରେ ରାମମନ୍ଦିର ଧ୍ୱଜାରୋହଣ ସମାବେଶରେ ସଙ୍ଗୀତ ପରିବେଷଣ କରିଛନ୍ତି। ଅନେକ ଓଡ଼ିଆ ଭଜନ ଗାଇବା ସହ ଅନୁପ ଜଲୋଟାଙ୍କ ସହ ଓଡ଼ିଆରେ ଡୁଏଟ୍ ଭଜନ ବି ଗାଇଛନ୍ତି। ଏହାପରେ ସେ ଅନୁପଙ୍କ ସହ ପ୍ରଥମ ଆଲବମ କଲେ 'ଭଜନ ପରମ୍ପରା'। ସେ କୁହନ୍ତି, 'ପ୍ରଥମେ ଏହା ଗୁରୁଜୀ ଆଉ ତାଙ୍କ ବାପାଙ୍କର ଥିଲା, ଏବେ ଦ୍ୱିତୀୟରେ ଗୁରୁଜୀ ଆଉ ମୁଁ ଅଛୁ। ଏଥିରେ ୯ଟି ଭଜନରେ ୧୬ଟି ଲାଇଭ୍ ଇନଷ୍ଟ୍ରୁମେଣ୍ଟ ବ୍ୟବହାର କରାଯାଇଛି ; ଯାହାକୁ ବେଷ୍ଟ ଡିଭୋସନାଲ ଆଲବମର ଆୱାର୍ଡ ବି ମିଳିଛି। ବମ୍ବେରେ ରହିବା ଭିତରେ ଅନେକ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ସହ ଗାଇବାର ସୁଯୋଗ ପାଇଛି ; ଯାହାଙ୍କ ମଧ୍ୟରେ ହରିହରନ, ଅନୁରାଧା ପୌଡୁଆଲ, ସୁରେଶ ୱାଡକର, ସାଧନା ସରଗମ ଆଦି ଆସନ୍ତି। ଏବେ ମୁଁ ଆଧ୍ୟାତ୍ମିକ ସିରିଏଲ୍‌ରେ ଗାଇବା ସହ ଗୁରୁଜୀଙ୍କ ଗୁରୁକୁଳରେ ରହି ନୂଆ ନୂଆ ସିଙ୍ଗରଙ୍କୁ ସଙ୍ଗୀତ ଶିକ୍ଷା ଦେଉଛି। ଓଡ଼ିଆ ଭଜନକୁ ନେଇ 'ଗୀତଗୋବିନ୍ଦ' ନାମରେ ଏକ ପ୍ରୋଜେକ୍ଟ ଆରମ୍ଭ କରିଛି। ମତେ ଯେହେତୁ ପାରମ୍ପରିକ ସଙ୍ଗୀତ ଗାଇବାକୁ ଭଲଲାଗେ ସେଥିପାଇଁ ମୁଁ ଗୀତଗୋବିନ୍ଦ, ସୁରଦାସ, କବୀର ଦାସ ଜଣାଣ ଆଦି ଗାଏ। ମତେ ଲାଗେ ସେହି ଗୀତର ଭାବ ଯେମିତି ଈଶ୍ୱରଙ୍କୁ ସ୍ପର୍ଶ କରେ। କାରଣ ସେଥିରେ ଯେଉଁ ଭାବ ଅଛି, କମର୍ସିଆଲ ଗୀତରେ ସେ ଭାବ ନାହିଁ।'

ନିଜ ଭବିଷ୍ୟତର ସ୍ୱପ୍ନ ସମ୍ପର୍କରେ ନିତେଶ କୁହନ୍ତି, 'ଭଜନ ଓ ଜଣାଣକୁ ଘରେ ଘରେ ଆହୁରି ଲୋକପ୍ରିୟ କରିବାର ଅଛି ଏବଂ ସଙ୍ଗୀତ ମାଧ୍ୟମରେ ସମସ୍ତଙ୍କ ମନ ଓ ହୃଦୟକୁ ଛୁଇଁବାକୁ ଚାହୁଁଛି।'





# ପିଲାଙ୍କୁ ଶିଖାଇ ପାଉଛି ଆତ୍ମସନ୍ତୋଷ

**ଗାଁ**ରେ ମା' ମଙ୍ଗଳାଙ୍କ ଚିତ୍ର ହେଉ କି ସାଧବ ସାଧବାଣୀ କିମ୍ବା ଘର କାନ୍ଥରେ ମାଣବସା ଝୋଟି ଆଦି ଦେଖିବାକୁ ତାଙ୍କୁ ଭାରି ଭଲ ଲାଗୁଥିଲା। ଦେଖିଥିବା ଚିତ୍ରକୁ ମନକୁ ମନ ଅଙ୍କନକରି ଚିତ୍ରଶିଳ୍ପୀଟିଏ ହେବା ପାଇଁ ଇଚ୍ଛାକରିଥିଲେ। ଯାହା ତାଙ୍କୁ ସ୍ୱପ୍ନପରି ଲାଗୁଥିଲା ସତ କିନ୍ତୁ ଏଥିରେ କିପରି ସଫଳତା ମିଳିପାରିବ ସେଥିପାଇଁ ସେ ନିଷ୍ଠାର ସହିତ ଅଭ୍ୟାସ ଜାରି ରଖିଲେ। ସେ ହେଲେ ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅଧୀନ ଯମୁନା ଗ୍ରାମର ଶିଳ୍ପୀ **ନୀଳକଣ୍ଠ ମହାରଣା**। ସେ କୁହନ୍ତି, 'ଆମ ଘରେ



ମୋ ବୋଉ ମାଟିରେ ହାତୀ, ଘୋଡ଼ା ସମେତ ବିଭିନ୍ନ ପ୍ରକାର କଳାକୃତି ତିଆରି କରିଥାଏ। ବିଭିନ୍ନ ପର୍ବପର୍ବାଣି ସମୟରେ ଘରେ ଝୋଟି ଚିତା ପକାଏ। ପିଲାଟି ଦିନରୁ ସେ ସବୁ ଦେଖି ମୋ ମନରେ ଚିତ୍ରକଳା ପ୍ରତି ଅଧିକ ଆଗ୍ରହ ବଢିଯାଇଥିଲା। ସେଥିପାଇଁ ସ୍କୁଲ ପଢା ସମୟରେ ଚିତ୍ରବହି ଦେଖି ବିଭିନ୍ନ ଚିତ୍ର ଅଙ୍କନ କରୁଥିଲି। ଗାଁରେ ଗଣେଶପୂଜା ଓ ସରସ୍ୱତୀ ପୂଜା ସମୟରେ ମାଟିରେ ମୂର୍ତ୍ତି ଗଢୁଥିଲି। ସମୟକ୍ରମେ କାଠ ଖୋଦେଇ କାମ ଶିଖିଲି। ଥରେ କଣାସ ଅଞ୍ଚଳର ଏକ ଗାଁର ଜଣେ ପଟ୍ଟଚିତ୍ର ଶିଳ୍ପୀ ସୁନ୍ଦର ସୁନ୍ଦର ପଟ୍ଟଚିତ୍ରରେ ଶ୍ରୀକୃଷ୍ଣ ଲୀଳା ଆଙ୍କୁ ଥାଆନ୍ତି। ତାହା ଦେଖି ଭାବିଲି ପଟ୍ଟଚିତ୍ର ଶିଖିବି। ୧୦ମ ପାସ୍ ପରେ ଚିନ୍ତା କଲି ଯେମିତି ବି ହେଉ ଜଣେ ପଟ୍ଟଚିତ୍ର ଶିଳ୍ପୀ ହେବି। +୨ କଳାରେ ଉତ୍ତୀର୍ଣ୍ଣ ହୋଇ ପଟ୍ଟଚିତ୍ର ତାଲିମ ପାଇଁ ରାଜ୍ୟ ହସ୍ତଶିଳ୍ପ ତାଲିମ ପ୍ରତିଷ୍ଠାନରେ ୧୯୯୮ରୁ ୪ ବର୍ଷ ଟ୍ରେନିଂ ନେଲି। ଇଗ୍ନୋରୁ ଡିଜାଇନ ଆଣ୍ଡ ସେରାମିକରେ ଦୁଇବର୍ଷିଆ କୋର୍ସ କରିଛି। ଏହି କଳାକାରିଗରିରେ ମୋ ପରିବାର ଚଳୁଛି। ଏହା ଭିତରେ ପ୍ରାୟ ୨୫ବର୍ଷ ବିତିସାରିଲାଣି। ୨ହଜାରରୁ ଊର୍ଦ୍ଧ୍ୱ ପଟ୍ଟଚିତ୍ର କରିସାରିଲିଣି। ଆଙ୍କିବା ପୂର୍ବରୁ ପ୍ରଥମେ ଥିମ୍‌କୁ ବୁଝି ଚିତ୍ର ଅଙ୍କନ କରିଥାଏ। ଦେବୀଦେବଙ୍କ ଲୀଳାକୁ ନେଇ ଯେତେବେଳେ ପଟ୍ଟଚିତ୍ର ଅଙ୍କନ କରେ ସେତେବେଳେ ମୋ ଭିତରେ ଆଧ୍ୟାତ୍ମିକ ଭାବ ଜାଗ୍ରତ ହୋଇଥାଏ। ବିଶେଷକରି ପୌରାଣିକ ବିଷୟ ଉପରେ ଆଧାରିତ କୃଷ୍ଣଲୀଳା ବ୍ୟତୀତ ରାମଲୀଳା, ଶିବପୁରାଣ, ଶ୍ରୀଗଣେଶ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାର ବିଭିନ୍ନ ବିଷୟକୁ ନେଇ ପଟ୍ଟଚିତ୍ର ଅଙ୍କନ କରେ। ଅଙ୍କନ କରିଥିବା ପ୍ରତିଟି ଚିତ୍ର ମୋତେ ନୂଆନୂଆ ଲାଗେ। କୃଷ୍ଣଲୀଳା ବ୍ୟତୀତ ରାମଲୀଳା, ଶିବପୁରାଣ, ଶ୍ରୀଗଣେଶ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚିତ୍ର ଅଙ୍କନ କରିଥାଏ। ବିଭିନ୍ନ ସ୍ଥାନରେ ଆୟୋଜିତ ପଟ୍ଟଚିତ୍ର ୱାର୍କଶପରେ ଯୋଗ ଦେଇଥାଏ। ଚିତ୍ରଶିଳ୍ପୀ ହେବାର ସ୍ୱପ୍ନ ସାକାର ହେବାରୁ ମୋତେ ଆତ୍ମସନ୍ତୋଷ ମିଳିପାରୁଛି। ଏହା ବ୍ୟତୀତ କାଠରେ ଖୋଦେଇ ରାଧାକୃଷ୍ଣ, ଶ୍ରୀଗଣେଶ, ମୟୂର ଘୋଡ଼ା, ହାତୀ, ଶୁଆ, ଶାରୀ, ବଗ, ଠେକୁଆ ଆଦି ମୂର୍ତ୍ତି ତିଆରି କରିଥାଏ। ୨୦୦୮ ମସିହାରୁ ନିଃଶୁଳ୍କ ଭାବେ ସ୍ଥାନୀୟ ଅଞ୍ଚଳର କେତେକ ସ୍କୁଲର ଛୋଟଛୋଟ ପିଲାଙ୍କୁ ଚିତ୍ରକାରିଗରି ତାଲିମ ଦେଇଆସୁଛି। ଏଥିରେ ମୋତେ ବହୁତ ମାନସିକ ଶାନ୍ତି ମିଳିପାରୁଛି।

ତାଙ୍କର ଏହି ପ୍ରତିଭା ପାଇଁ ସେ ଶିଳ୍ପୀ ମହାସଂଘ ସମେତ ବିଭିନ୍ନ ସ୍ଥାନରୁ ବହୁ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

## ହାଃ ହାଃ

### ପରଧନ

ମଣ୍ଟୁ: ଝିଅ ଯଦି ପରଧନ ତା'ହେଲେ ପୁଅ କ'ଣ ?
ରାଜେଶ: ପୁଅ ହେଉଛନ୍ତି ଚୋର।
ମଣ୍ଟୁ: କେମିତି
ରାଜେଶ: କାହିଁକି ନା ଚୋରଙ୍କ ନଜର ସବୁବେଳେ ପରଧନ ଉପରେ ଥାଏ।

### ଫରକ

ଶିକ୍ଷକ: ଡେଟ୍ ଓ ତାରିଖ ଭିତରେ ଫରକ୍ କ'ଣ ?
ପପୁ: ସାର୍ ମୁଁ କହିବି।
ଶିକ୍ଷକ: ହଉ, କହ।
ପପୁ:ଡେଟ୍‌ରେ ଗର୍ଲଫ୍ରେଣ୍ଡ ସହ ଯାଆନ୍ତି ଓ ତାରିଖରେ ଓକିଲ ସହ ଯାଆନ୍ତି।

### ଚୁଡେଲ

ଗପୁ ମନୋଜକୁ: ଚୁଡେଲ କୋଉଠି ରୁହନ୍ତି କିରେ ?
ମନୋଜ: ଗାଁ ଗହଳିରେ କଇଁଆ ଗଛରେ।
ଆଉ ସହରରେ ମେକ୍‌ଅପ୍ ପଛରେ।

### ଭିକାରି

ସ୍ତ୍ରୀ ସ୍ୱାମୀଙ୍କୁ: ଜାଣିଛ କାଲି ଯୋଉ ଭିକାରିଟା ଆସିଥିଲା ସିଏ ଭାରି ଖରାପ।
ସ୍ୱାମୀ: କାଇଁ ସେ କ'ଣ କଲାକି ?
ସ୍ତ୍ରୀ: କାଲି ମୁଁ ତାକୁ ଖାଇବାକୁ ଦେଇଥିଲି। ଆଜି ଜାଣିଛ ସେ କ'ଣ କରିଛି ?
ସ୍ୱାମୀ: କ'ଣ କଲା ?
ସ୍ତ୍ରୀ: ଆଜି ସେ ମତେ ଗୋଟେ ବହି ଦେଇକି ଗଲା।
ସ୍ୱାମୀ: କୋଉ ବହି ?
ସ୍ତ୍ରୀ: 'ଭଲ ରୋଷେଇ କେମିତି କରିବେ' ବହି।



# ବୋଲଗଡ଼

ଅବିଭକ୍ତ ପୁରୀ ଜିଲାର ବୋଲଗଡ଼, ବର୍ତ୍ତମାନ ଖୋର୍ଦ୍ଧା ଜିଲାର ପଶ୍ଚିମ ପାର୍ଶ୍ୱର ଏକ ଅଂଶ ବିଶେଷ। ରବୀନ୍ଦ୍ର କୁମାର ପରିଡ଼ାଙ୍କ ରଚିତ 'ବୋଲଗଡ଼ ଇତିହାସ'ପୁସ୍ତକରୁ ଜଣାପଡ଼େ ସଂସ୍କୃତ ଗ୍ରନ୍ଥ 'ବାସ୍ତୁପ୍ରକାଶ'ରେ ପ୍ରାଚୀନ ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ୩୪ପ୍ରକାର ଦୁର୍ଗ ଗଠନ ପ୍ରଣାଳୀ ବର୍ଣ୍ଣିତ ହୋଇଅଛି। ତନ୍ମଧ୍ୟରୁ ଉତ୍ତର କଳିଙ୍ଗର ଏକ ମୁଖ୍ୟ ପ୍ରବେଶ ଦ୍ୱାର ବିଶିଷ୍ଟ ଚକ୍ରାକାର ଦୁର୍ଗ, ବଳଦୁର୍ଗ ପରେ ବଳଗଡ଼ ଅଧୁନା ବୋଲଗଡ଼ ନାମରେ ନାମିତ ହୋଇଥିବା ଜନଶ୍ରୁତିରୁ ଜଣାପଡ଼େ। ଅତୀତରେ ଖୋରଧା ରାଜ୍ୟ ସ୍ଥାପନ ବେଳେ ଗଜପତି ରାମଚନ୍ଦ୍ର ଦେବଙ୍କର ଖୋରଧା ରାଜ୍ୟରେ ଯେଉଁ ୭୧ ଗଡ଼ର ନାମ ଉଲ୍ଲେଖ ରହିଛି ସେଥିରେ ବୋଲଗଡ଼ର ନାମ ରହିଛି। ଦିଗମ୍ବର ଶ୍ରୀଚନ୍ଦନଙ୍କ ରଚିତ ଖୁରୁଧା ଦର୍ପଣରୁ ଜଣାପଡ଼େ ବୋଲଗଡ଼ ଅଞ୍ଚଳର ଚାରିପଟେ ପାହାଡ଼ ଓ ଜଙ୍ଗଲ ଘେରି ରହିଥିଲା, ଯାହା ଏବେବି ରହିଛି। ଅତୀତରେ ବୋଲଗଡ଼ର ନାମ 'ବଗଲଗଡ଼' ଥିଲା। ଖୋରଧା ଗଜପତି ଏଠାରେ ଗଡ଼ ସ୍ଥାପନ ବେଳେ ଦଳବେହେରାଙ୍କ ପୂର୍ବପୁରୁଷଙ୍କୁ ପଠାଇଥିଲେ। ଏହି ଅଞ୍ଚଳକୁ କନ୍ଧଡ଼ା ମୁଲକ ଏବଂ କନ୍ଧ ଦଣ୍ଡପାଟ ବୋଲି କୁହାଯାଉଥିଲା। ସେତେବେଳେ ପଶ୍ଚିମା ଯାତ୍ରୀମାନେ ଜଗନ୍ନାଥ ଦର୍ଶନ କରିବାକୁ ଆସୁଥିବା ବେଳେ ଧନୀ ଲୋକଙ୍କର ସମ୍ପତ୍ତିକୁ ସ୍ଥାନୀୟ କେତେକ ଲୋକ ଲୁଟ କରୁଥିବାରୁ ପଶ୍ଚିମା ଯାତ୍ରୀଙ୍କର ସୁରକ୍ଷା ଏବଂ ଖୋରଧା ଅଞ୍ଚଳରୁ ଚୋରି ଡକାୟତି ବନ୍ଦ କରିବାକୁ ଗଜପତି ମୁଣ୍ଡିଆ ପଡ଼ା ଘାଟିକୁ କେନ୍ଦ୍ରକରି ମାଣିକାଗୋଡ଼ାଠାରୁ ମାଣିବନ୍ଧ ଯାଏ ପାଞ୍ଚଗଡ଼ ପରେ ମୁଣ୍ଡିଆପଡ଼ା ଘାଟିକୁ ଅଧିକ ସୁଦୃଢ଼ କରିବାକୁ ସଂପୁର ଏବଂ ଗୋଡ଼ିଆଳୀ ଆଦି ୨ଗଡ଼ ସୃଷ୍ଟି କରିଥିଲେ। ବୋଲଗଡ଼ ଅଞ୍ଚଳରେ କୌଣସି ବଡ଼ ନଦୀ ନାହିଁ। ଖୋରଧା ଅଞ୍ଚଳର ଏହାଥିଲା ସର୍ବପ୍ରଥମ ମରୁଡ଼ି ଅଞ୍ଚଳ। ବୋଲଗଡ଼ଦେଇ ହଡ଼ାନଈ ନାଁରେ ଛୋଟିଆ ନଇଟିଏ ବହିଯାଇଛି। ବୋଲଗଡ଼ର ଉତ୍ତର ପୂର୍ବରେ ପାଟବନ୍ଧ, ଖଲିକୋଟ ଗ୍ରାମଠାରୁ ପଶ୍ଚିମରେ ସଂପୁର ଖଣ୍ଡପଡ଼ା ସୀମା ପର୍ଯ୍ୟନ୍ତ ନାଗାପଲ୍ଲୀ ଅଟକ ଜଙ୍ଗଲ ଅବସ୍ଥିତ। ମୁଣ୍ଡିଆପଡ଼ା ମଣ୍ଡନ ଗିରି ଏହାର ଶୋଭାବର୍ଦ୍ଧନକାରୀ ସ୍ଥଳ। ଘନଶ୍ୟାମ ପଟ୍ଟନାୟକଙ୍କ ରଚିତ 'ଗରୁଡ଼ ପୁରାଣ'ରେ ବୋଲଗଡ଼କୁ 'ବାକ୍ ଦୁର୍ଗ' ବୋଲି ବର୍ଣ୍ଣନା କରିଛନ୍ତି। ବୋଲଗଡ଼ର ଗ୍ରାମ ଦେବତୀଙ୍କ ନାମ ବାଉତୀ ବା ବାଗ୍‌ଦେବୀ। ଇଂରେଜ ସମୟରୁ ବୋଲଗଡ଼ରେ ଥାନା ଏବଂ ବନ ବିଭାଗ ଥିଲା। ବୋଲଗଡ଼ ଥାନା ଅଞ୍ଚଳରେ ପୂର୍ବେ ପାଞ୍ଚ ଗଡ଼ ଥିଲା –ମାଣିକ ଗୋଡ଼ା, ବୋଲଗଡ଼, ବାଙ୍କୋଇଗଡ଼, ମାଣିବନ୍ଧ ଓ ମଣ୍ଡଳସିଂହ(କଳାମାଟିଆ)। ବୋଲଗଡ଼ ଏହି ପାଞ୍ଚଗଡ଼ର ଆଦ୍ୟ ଗଡ଼। ୧୮୧୭ରେ ହୋଇଥିବା ପାଇକ ବିଦ୍ରୋହରେ ବୋଲଗଡ଼ର ଆମ୍ବତୋଟାଠାରେ ପାଇକ ମେଳି ହୋଇଥିଲା। ବ୍ରିଟିଶ ଶାସନ ପୂର୍ବରୁ ବୋଲଗଡ଼ ଅଞ୍ଚଳ ସୂତାକଟା ଏବଂ ଲୁଗାବୁଣା ପାଇଁ ପ୍ରସିଦ୍ଧ ଥିଲା। ୧୯୨୧ରେ ବୋଲଗଡ଼ରେ ଅଖିଳ ଭାରତ ଚରଖା ସଂସ୍ଥା ସ୍ଥାପନ ହୋଇଥିଲା। ୧୯୨୫ରେ ବୋଲଗଡ଼ରେ 'ଉତ୍କଳ ପ୍ରାଦେଶିକ ସମ୍ମିଳନୀ' ଅନୁଷ୍ଠିତ ହୋଇଥିଲା। ମହାତ୍ମା ଗାନ୍ଧୀ ୧୯୨୭ ଡିସେମ୍ବର ୯ରୁ ୧୧ ତାରିଖ ଯାଏ ବୋଲଗଡ଼ରେ ରାତ୍ରି ଯାପନ କରିଥିଲେ। ଏହି ସମୟରେ ଗାନ୍ଧିଜୀ ବୋଲଗଡ଼ର ଚୁଡ଼ା ଗ୍ରାମକୁ ଯାଇଥିଲେ। ମହାତ୍ମା ଗାନ୍ଧୀଙ୍କ ସହିତ ମହାଦେବ ଦେଶାଇ, ଡ. କୈଳାସ ନାଥ କାଟୁଜ, ମିରାବେନ, ଦୀନବନ୍ଧୁ ଆଣ୍ଡୁଜ ପ୍ରମୁଖ ଜାତୀୟସ୍ତରର ନେତୃମଣ୍ଡଳୀ ଆସିଥିଲେ। ସେମାନେ ଚରଖାରେ ସୂତାକାଟି ଥିଲେ। ଚିନ୍ତାମଣି ପାଣିଗ୍ରାହୀ ତାଙ୍କ ପ୍ରବନ୍ଧରେ ଲେଖିଛନ୍ତି, ସେତେବେଳେ ବୋଲଗଡ଼ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଜୟକୃଷ୍ଣ ମିଶ୍ର, ଗୋଲାମ ମୁସ୍ତାପ ଖାଁ, ପର୍ଶୁରାମ ପଦାତିକରାୟ, ମଧୁସୂଦନ ମିଶ୍ର, ରାମକୃଷ୍ଣ ମିଶ୍ର, ସୁଦର୍ଶନ ମହାପାତ୍ର, ଦାମୋଦର ମିଶ୍ର, ପତିତପାବନ ହୋତାଙ୍କ ସମେତ ଅନେକ ବ୍ୟକ୍ତି ଥିଲେ। ବୋଲଗଡ଼ ଦଳବେହେରାଙ୍କ ପ୍ରାସାଦ ଏହାର ମୂକସାକ୍ଷୀ। ବୋଲଗଡ଼ର ଧନୀକ ବ୍ୟକ୍ତିଙ୍କ ମଧ୍ୟରେ ଦୟାନିଧି ମହାପାତ୍ର ଓ ତାଙ୍କ ପୁତ୍ର ବାମନ ମହାପାତ୍ରଙ୍କ ନାମ ଉଲ୍ଲେଖ ରହିଛି। ସଂପୁରରେ ଗଉଡ଼ିଆ କେଳାମାନଙ୍କର ବାଉଁଶରାଣୀ ଖେଳ ଖୁବ୍ ଚମତ୍କାର। ବୋଲଗଡ଼ ଗ୍ରାମର ଦକ୍ଷିଣରେ ଡୁବୁରୀ ପାହାଡ଼ ତଳେ ବନଦୁର୍ଗା ; ଭୂଇଁଆ ଠାକୁରାଣୀ, ସଂପୁର ଗ୍ରାମର ଉତ୍ତର ଦିଗରେ ନାଗାପଲୀ ପାହାଡ଼ ଉପରେ ମୁଣ୍ଡିଆପଡ଼ା ରଘୁନାଥ ଆଶ୍ରମ ରହିଛି। ବୋଲଗଡ଼ରେ ନନ୍ଦିଘୋଷ ନାମରେ ରହିଛି ଏକ ବହୁ ପୁରାତନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ। ସେହିପରି ବୋଲଗଡ଼ରେ ବାରପଲୀ ମୌଜାରେ ପାଳିତ ଦୋଳପର୍ବ, ମାଣିକଗୋଡ଼ାରେ ଦଶହରା ପର୍ବ, ଚନ୍ଦନ ଯାତ୍ରା, ରଥଯାତ୍ରା, ରାମଚଣ୍ଡୀଙ୍କ ପୀଠରେ ରଜ, କାର୍ତ୍ତିକ ପୂର୍ଣ୍ଣିମା, ଧନୁଯାତ୍ରା, ଦଶହରା ଓ ଗିରିଗୋବର୍ଦ୍ଧନ ପୂଜା ଆଦି ବିଭିନ୍ନ ପର୍ବପର୍ବାଣି ଏହି ଗଡ଼ ଅଞ୍ଚଳରେ ପାଳିତ ହୋଇଆସୁଛି। ତେବେ ବୋଲଗଡ଼ ସମ୍ପର୍କରେ ଅନେକ ଘଟଣା ଇତିହାସରେ ରହିଥିଲେ ମଧ୍ୟ ଏ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

–ବନବିହାରୀ ବେହେରା



# ଶାନ୍ତ, ମନୋରମ ହିଲ୍‌ଷ୍ଟେଶନ ଧନୌଲ୍ଟି







**ଧନୌଲ୍ଟି, ଉତ୍ତରାଖଣ୍ଡର ଏକ ଶାନ୍ତ, ମନୋରମ ହିଲ୍‌ଷ୍ଟେଶନ। ପର୍ଯ୍ୟଟକ ଏଠାରେ ହୀମାଳୟର ଅପୂର୍ବ ଦୃଶ୍ୟ ଦେଖିବାର ସୁଯୋଗ ପାଇବା ସହ ଦେବଦାରୁ ଜଙ୍ଗଲ ଓ ଇକୋ ପାର୍କ ବୁଲିବାର ମଧ୍ୟ ମଜା ନେଇପାରିବେ। ଖରାଦିନେ ଏଠାକାର ଶୀତଳତାପୂର୍ଣ୍ଣ ଜଳବାୟୁରେ ବୁଲିବା ଏବଂ ଶୀତଦିନେ ତୁଷାରପାତର ମଜା ନେବା ଏଠି ନିଆରା ଲାଗେ...**

ଉତ୍ତରାଖଣ୍ଡର ତେହରି ଗଢ଼ୱାଲ୍ ଜିଲା ଅନ୍ତର୍ଗତ ଏକ ଶାନ୍ତ, ମନୋରମ ହିଲ୍‌ଷ୍ଟେଶନ ହେଉଛି ଧନୌଲ୍ଟି। ସମୁଦ୍ରପତ୍ତନରୁ ପ୍ରାୟ ୨୨୮୬ ମିଟର ଉଚ୍ଚତାରେ ଥିବା ଏହି ସ୍ଥାନଟିର ଅପୂର୍ବ ପ୍ରାକୃତିକ ଦୃଶ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରେ। ତା'ଛଡ଼ା ଖରାଦିନେ ଏଠାକାର ଜଳବାୟୁ ବେଶ୍ ଶୀତଳ ରହୁଥିବାରୁ ଖରାଛୁଟି କଟାଇବା ଏଠି ମଜା ଲାଗେ। ସେଥିପାଇଁ କାମରୁ ଟିକେ ଫୁରସତ୍ ନେଇ ପର୍ଯ୍ୟଟକ ଏଠାକୁ ବୁଲି ଆସିବାକୁ ପସନ୍ଦ କରିଥାନ୍ତି।

### କ'ଣ ଦେଖିବେ

ଉଚ୍ଚ ଉଚ୍ଚ ପାହାଡ଼ର ଅପୂର୍ବ ଦୃଶ୍ୟ ସାଙ୍ଗକୁ ଧନୌଲ୍ଟିରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଆହୁରି ଅନେକ ମନୋରମ ସ୍ଥାନ। ଯେମିତିକି:

✲ **ଇକୋ ପାର୍କ:** ଦେବଦାରୁ ଗଛଦ୍ୱାରା ଘେରି ହୋଇ ରହିଥିବା ଧନୌଲ୍ଟିରେ ଦୁଇଟି ସୁନ୍ଦର ଇକୋ ପାର୍କ ରହିଛି ; ଯାହାର ନାମ ହେଉଛି ଅମ୍ବର ଓ ଧାରା। ପ୍ରକୃତିପ୍ରେମୀଙ୍କୁ ଏହି ଦୁଇଟି ପାର୍କ ଖୁବ୍ ଆକୃଷ୍ଟ କରିଥାଏ।

✲ **ସୁରକଣ୍ଡା ଦେବୀ ମନ୍ଦିର:** ଧନୌଲ୍ଟି ନିକଟସ୍ଥ ଏକ ପାହାଡ଼ ଉପରେ ଏହି ମନ୍ଦିରଟି ରହିଛି ; ଯେଉଁଠାରୁ ହୀମାଳୟର ଅପୂର୍ବ ଦୃଶ୍ୟକୁ ଦେଖିବା ବେଶ୍ ମନୋରମ ଲାଗେ।

✲ **ପାଇନ୍ ଜଙ୍ଗଲ:** କେବଳ ଦେବଦାରୁ ନୁହେଁ, ଏଠାରେ ପାଇନ୍ ଜଙ୍ଗଲ ବି ଦେଖିବାକୁ ମିଳେ। ପାଇନ୍ ଜଙ୍ଗଲ ମଧ୍ୟ ଦେଇ ଯାଇଥିବା ରାସ୍ତାରେ ଚାଲି ଚାଲି ବୁଲିବାରେ ଥାଏ ଏକ ନିଆରା ଆନନ୍ଦ।

✲ **ଆଳୁ କ୍ଷେତ:** ଏଠାରେ ଆଳୁ ଚାଷ ଭଲ ହୋଇଥାଏ। ପର୍ଯ୍ୟଟକ ଚାହିଁଲେ ଏଠାକାର ଆଳୁ କ୍ଷେତ ଆଡ଼େ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ। ତା'ଛଡ଼ା ଏହି ସ୍ଥାନରୁ ସୂର୍ଯ୍ୟାସ୍ତର ଅପୂର୍ବ ଶୋଭାକୁ ବି ମନଭରି ଉପଭୋଗ କରିପାରିବେ।

### ଦୁଃସାହସିକ କ୍ରୀଡ଼ାର ମଜା

ଦୁଃସାହସିକ କ୍ରୀଡ଼ାରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ନିମନ୍ତେ ଧନୌଲ୍ଟିରେ ରହିଛି ଅନେକ ସୁବିଧା ଓ ସୁଯୋଗ। ବିଶେଷକରି ଟ୍ରେକିଂ, ଭ୍ୟାଲେ କ୍ରସିଂ, ଜିପ୍ ଲାଇନ୍ ଆଦି କ୍ରୀଡ଼ାର ମଜା ନେବାକୁ ଏଠାରେ ପର୍ଯ୍ୟଟକଙ୍କୁ ମଉକା ଦିଆଯାଇଥାଏ। ସେହିପରି କ୍ୟାମ୍ପିଙ୍ଗ୍ ପାଇଁ ଏଠି ବହୁତ ଭଲ ଭଲ ସ୍ଥାନ ବି ରହିଛି।

### କେବେ ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ବି ଖରାଦିନେ ଏଠାକାର ଶୀତଳତାପୂର୍ଣ୍ଣ ଜଳବାୟୁରେ ବୁଲିଲେ ବେଶ୍ ଆରାମ ଅନୁଭବ ହୋଇଥାଏ। ସେହିପରି ଯେଉଁମାନେ ତୁଷାରପାତର ମଜା ନେବାକୁ ଚାହୁଁଥାନ୍ତି, ସେମାନେ ଚାହିଁଲେ ଶୀତଦିନେ ବି ଏଠାକୁ ବୁଲିବାକୁ ଯାଇପାରିବେ।

### କେମିତି ଯିବେ

ଦିଲ୍ଲୀଠାରୁ ପ୍ରାୟ ୩୨୫ କି.ମି ତଥା ସ୍ଥାନୀୟ ନିୟୁ ତେହରି ସହରଠାରୁ ପ୍ରାୟ ୪୦ କି.ମି ଏବଂ ମସୁରୀଠାରୁ ପ୍ରାୟ ୩୦ କି.ମି ଦୂରରେ ଥିବା ଧନୌଲ୍ଟିରେ ପହଞ୍ଚିବା ପାଇଁ ଗମନାଗମନର ବି ସୁବ୍ୟବସ୍ଥା ରହିଛି। ଜୋଲିଗ୍ରାଣ୍ଟ ଏୟାରପୋର୍ଟ ଏହାର ନିକଟତମ ବିମାନବନ୍ଦର ହୋଇଥିବାବେଳେ ଦେହରାଦୁନ ରେଲୱେ ଷ୍ଟେଶନ ହେଉଛି ଏହାର ନିକଟତମ ରେଳଷ୍ଟେଶନ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ନିଜ ସାଧନ ଯୋଗେ ବି ଏଠାକୁ ବୁଲି ଯାଇପାରିବେ।



# ପିଏନ୍‌ଜି, ଏଲ୍‌ପିଜି, ସିଏନ୍‌ଜି ଓ ଏଲ୍‌ଏନ୍‌ଜି




**ସହର ହେଉ କି ଗାଁ, ଦୀର୍ଘବର୍ଷ ଧରି ପ୍ରତି ଘରର ମୁଖ୍ୟ ଅଂଶ ହୋଇ ରହିଆସିଛି ଏଲ୍‌ପିଜି। କହିବାକୁ ଗଲେ ଏଲ୍‌ପିଜି ବିନା ଘର ଅଚଳ। ହେଲେ ଏଇ କିଛି ବର୍ଷ ମଧ୍ୟରେ ସହରାଞ୍ଚଳରେ ପିଏନ୍‌ଜି ସଂଯୋଗ ଦ୍ରୁତଗତିରେ ବୃଦ୍ଧି ପାଇଛି। ତେଣୁ ଅନେକଙ୍କ ମନରେ ପ୍ରଶ୍ନ ଉଠିଥାଏ ଯେ, ଏହି ଦୁଇଟି ମଧ୍ୟରେ ପାର୍ଥକ୍ୟ କ'ଣ, କେଉଁଟି ଅଧିକ ସୁରକ୍ଷିତ ଏବଂ କେଉଁଥିରେ ଅଧିକ ଲାଭ ମିଳିଥାଏ। ଆସନ୍ତୁ, ଏହାକୁ ବିସ୍ତୃତ ଭାବରେ ବୁଝିବା...**

**ପିଏନ୍‌ଜି :** ପିଏନ୍‌ଜିର ଅର୍ଥ ହେଉଛି ପାଇପ୍‌ଡ ନାଚୁରାଲ ଗ୍ୟାସ୍। ବଡ଼ ବଡ଼ ସହରରେ ଏବେ ସିଲିଣ୍ଡର ବଦଳରେ ପିଏନ୍‌ଜିର ପ୍ରଚଳନ ଦ୍ରୁତଗତିରେ ବୃଦ୍ଧି ପାଉଛି। ଏହା ଏକ ପ୍ରାକୃତିକ ଗ୍ୟାସ୍, ଯାହା ପାଇପଲାଇନ ମାଧ୍ୟମରେ ସିଧାସଳଖ ଘରକୁ ଯୋଗାଇ ଦିଆଯାଏ। ଏଥିରେ ଘରେ ଏକ ଗ୍ୟାସ୍ ମିଟର ଲଗାଯାଏ ଏବଂ ସେହି ପାଇପଲାଇନ ସିଧାସଳଖ ଆପଣଙ୍କ ଚୁଲି ପର୍ଯ୍ୟନ୍ତ ଯାଇଥାଏ। ଏଥିରେ ସିଲିଣ୍ଡର ରଖିବାର ଆବଶ୍ୟକତା ପଡ଼େ ନାହିଁ। ଆପଣ ଯେତିକି ଗ୍ୟାସ୍ ବ୍ୟବହାର କରନ୍ତି, ସେହି ଅନୁସାରେ ପ୍ରତି ମାସରେ ବିଦ୍ୟୁତ୍ କିମ୍ବା ପାଣି ବିଲ୍ ଭଳି ଏହାର ବିଲ୍ ଆସିଥାଏ। ଯେହେତୁ ପିଏନ୍‌ଜି ପାଇଁ ଏକ ବଡ଼ ପାଇପଲାଇନ ନେଟ୍‌ୱର୍କ ଆବଶ୍ୟକ, ତେଣୁ ଏହି ସୁବିଧା ବର୍ତ୍ତମାନ ସୁଦ୍ଧା କେବଳ ବଡ଼ ସହର ଏବଂ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଉପଲବ୍ଧ ହୋଇପାରିଛି।

**ଏଲ୍‌ପିଜି:** ଏଲ୍‌ପିଜି ଅର୍ଥାତ୍ ଲିକ୍ୱିଫାଏଡ୍ ପେଟ୍ରୋଲିୟମ ଗ୍ୟାସ୍ ହେଉଛି ସେହି ଜାଳେଣି, ଯାହାଦ୍ୱାରା ଭାରତର କୋଟି କୋଟି ଘରେ ଚୁଲି ଜଳୁଛି। ଏହା ମୁଖ୍ୟତଃ ପ୍ରୋପେନ ଏବଂ ବ୍ୟୁଟେନ ପରି ହାଇଡ୍ରୋକାର୍ବନ ଗ୍ୟାସ୍‌ର ଏକ ମିଶ୍ରଣ। ଯେତେବେଳେ ରିଫାଇନେରିରେ କଞ୍ଚା ତେଲକୁ ସଫା କରାଯାଏ, ସେତେବେଳେ ଏକ ଉପ-ଉତ୍ପାଦ ବା ବାଇ ପ୍ରଡକ୍ଟ ଭାବରେ ଏହି ଗ୍ୟାସ୍ ବାହାରିଥାଏ। ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଅଧିକ ଚାପ ପ୍ରୟୋଗକରି ଏହାକୁ ତରଳ ରୂପରେ ପରିଣତ କରାଯାଇପାରେ। ଫଳରେ ଏହାକୁ ଛୋଟ ଏବଂ ବଡ଼ ସିଲିଣ୍ଡରରେ ଭର୍ତ୍ତିକରି ଦୂରଦୂରାନ୍ତ ଅଞ୍ଚଳକୁ ପଠାଇବା ସହଜ ହୋଇଥାଏ।



**ସୁରକ୍ଷା ଦୃଷ୍ଟିରୁ କେଉଁଟି ଭଲ:** ଏହି ଦୁଇ ପ୍ରକାରର ଗ୍ୟାସ୍ ମଧ୍ୟରେ ସବୁଠାରୁ ବଡ଼ ପାର୍ଥକ୍ୟ ହେଉଛି ଏମାନଙ୍କର ଘନତ୍ୱ ଏବଂ ଚାପ। ଏଲ୍‌ପିଜି ବାୟୁ ଅପେକ୍ଷା ଭାରି ହୋଇଥାଏ। ତେଣୁ ଗ୍ୟାସ୍ ଲିକ୍ ହେଲେ ଏହା ଭୂମିର ପୃଷ୍ଠଭାଗରେ ଜମାହୋଇ ରହେ, ଯାହାକି ବିପଜ୍ଜନକ ହୋଇପାରେ। ଏହି କାରଣରୁ ଏଥିରେ 'ମରକାପ୍ଟନ' ନାମକ ଏକ ଗନ୍ଧକାରକ ପଦାର୍ଥ ମିଶାଯାଏ, ଯେପରି ଲିକ୍ ହେଲେ ଜଣାପଡ଼ିବ। ଏହାର ବିପରୀତରେ ପିଏନ୍‌ଜିରେ ମିଥେନ୍‌ର ପରିମାଣ ଅଧିକ ଥାଏ ଏବଂ ଏହା ବାୟୁ ଅପେକ୍ଷା ହାଲୁକା ହୋଇଥାଏ। ତେଣୁ ଲିକ୍ ହେଲେ ଏହା ଭୂମିର ପୃଷ୍ଠଭାଗରେ ଜମା ନ ହୋଇ ବାୟୁମଣ୍ଡଳର ଉପରକୁ ଉଡ଼ିଯାଇ ବାୟୁ ସହ ମିଳେଇଯାଏ। ତେଣୁ ଏଥିରେ ବିପଦ କମ୍।

ଏଲ୍‌ପିଜି ଓ ପିଏନ୍‌ଜି ବାଦ୍ ସିଏନ୍‌ଜି ଓ ଏଲ୍‌ଏନ୍‌ଜି ଗ୍ୟାସ୍ ସମ୍ପର୍କରେ ବି ଶୁଣିଥିବେ। ତେବେ ଏହା କ'ଣ ଜାଣନ୍ତୁ ସେ ସମ୍ପର୍କରେ..

**ସିଏନ୍‌ଜି :** ସଡ଼କରେ ଗାଡ଼ି ଚଳାଇବା ପାଇଁ ସିଏନ୍‌ଜି ଅର୍ଥାତ୍ କମ୍ପ୍ରେସ୍‌ଡ ନାଚୁରାଲ ଗ୍ୟାସ୍ ଏକ ବରଦାନ ସଦୃଶ। ଏହା ପ୍ରାକୃତିକ ଗ୍ୟାସ୍‌ର ଏକ ରୂପ, ଯାହାକୁ ଅତ୍ୟଧିକ ଚାପ ପ୍ରୟୋଗକରି କମ୍ପ୍ରେସ କରାଯାଇଥାଏ। ପେଟ୍ରୋଲ ଏବଂ ଡିଜେଲ ତୁଳନାରେ ସିଏନ୍‌ଜି କେବଳ ଶସ୍ତା ନୁହେଁ, ବରଂ ଏହାଦ୍ୱାରା ଅଙ୍ଗାରକାମ୍ଳ ନିର୍ଗମନ ମଧ୍ୟ ବହୁ କମ୍ ହୋଇଥାଏ। ସେଥିପାଇଁ ଏହାକୁ 'କ୍ଲିନ୍ ଫ୍ୟୁଏଲ' ବା ସ୍ୱଚ୍ଛ ଜାଳେଣି କୁହାଯାଏ। ଏହା ବାୟୁ ଅପେକ୍ଷା ହାଲୁକା ହୋଇଥିବାରୁ ଗ୍ୟାସ୍ ଲିକ୍ ହେଲେ ଏହା ଶୀଘ୍ର ବାୟୁରେ ମିଶିଯାଏ, ତେଣୁ ପେଟ୍ରୋଲ ତୁଳନାରେ ଏଥିରେ ନିଆଁ ଲାଗିବାର ବିପଦ କମ୍ ଥାଏ।

**ଏଲ୍‌ଏନ୍‌ଜି:** ଏଲ୍‌ଏନ୍‌ଜି ମଧ୍ୟ ଏକ ପ୍ରକାର ଗ୍ୟାସ୍। ଏଲ୍‌ଏନ୍‌ଜି ଅର୍ଥାତ୍ ଲିକ୍ୱିଫାଏଡ୍ ନାଚୁରାଲ ଗ୍ୟାସ୍ ହେଉଛି ସେହି ରୂପ, ଯାହାକୁ ଜାହାଜ ଜରିଆରେ ବହୁ ଦୂର ପର୍ଯ୍ୟନ୍ତ ପଠାଇବା ପାଇଁ ବ୍ୟବହାର କରାଯାଏ। ପ୍ରାକୃତିକ ଗ୍ୟାସ୍‌କୁ -୧୬୨ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ଥଣ୍ଡା କରାଯାଏ, ଯାହା ଫଳରେ ଏହା ତରଳ ଅବସ୍ଥାକୁ ଚାଲିଆସେ। ତରଳ ରୂପରେ ଏହାର ଆୟତନ ୬୦୦ ଗୁଣ କମିଯାଏ, ଯେଉଁଥିପାଇଁ ଏହାକୁ ବଡ଼ ବଡ଼ ଟ୍ୟାଙ୍କରରେ ଭର୍ତ୍ତିକରି ଏକ ଦେଶରୁ ଅନ୍ୟ ଦେଶକୁ ନେବା ସମ୍ଭବ ହୋଇଥାଏ। ଯେତେବେଳେ ଏହି ଗ୍ୟାସ୍ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚେ, ଏହାକୁ ପୁଣିଥରେ ଗ୍ୟାସ୍ ରୂପରେ ପରିଣତ କରାଯାଇ ପାଇପଲାଇନ କିମ୍ବା ଫ୍ୟାକ୍ଟ୍ରିଗୁଡ଼ିକୁ ଯୋଗାଇଦିଆଯାଏ।




# କଥାକୁହା ଘୁଷୁରି



**ଘୁ**ଷୁରି ପୁଣି କଥା କହୁଛି! କଥାଟି ବିଶ୍ୱାସ ହେଉ ନ ଥିବ। ହେଲେ ଆମେରିକାରେ ମର୍ଲିନ ନାମକ ଏକ ଘୁଷୁରି ଏବେ 'କଥା କୁହା' ଘୁଷୁରିଭାବେ ବେଶ୍ ଚର୍ଚ୍ଚାରେ ଅଛି। ଘୁଷୁରିଟି ନିଜ ମାଲିକଙ୍କ ସହ କଥାବାର୍ତ୍ତା କରେ ଏବଂ ବାରମ୍ବାର ତାଙ୍କୁ 'ଆଇ ଲଭ୍ ୟୁ' ମଧ୍ୟ କୁହେ। ଆମେରିକାର ସାକ୍ରାମେଣ୍ଟୋରେ ରହୁଥିବା ଏହି 'ମିନିଏଚର ଭିଏତ୍‌ନାମିଜ ପଟ୍ ବେଲିଡ ପିଗ୍'ର ମାଲିକାଣୀ ମୀନା ଆଲାଲି, ମାତ୍ର ୩ ମାସର ହୋଇଥିବାବେଳେ ମର୍ଲିନକୁ ତାଲିମ ଦେବା ଆରମ୍ଭ କରିଥିଲେ। ମାଲିକାଣୀ ମୀନା ନିଜ ଘରେ କିଛି ରଙ୍ଗବେରଙ୍ଗର ବଟନ ଲଗାଇଛନ୍ତି, ଯେଉଁଥିରେ ଅଲଗା ଅଲଗା ଶବ୍ଦ ଏବଂ ବାକ୍ୟ ରେକର୍ଡ କରାଯାଇଛି। ଆରମ୍ଭରୁ କିଛି ବଟନ ବୁଝିବାକୁ ମର୍ଲିନକୁ ସମୟ ଲାଗିଥିଲା, କିନ୍ତୁ ଏବେ ସେ ସହଜରେ ଅନେକ ବଟନ ବ୍ୟବହାର କରୁଛି। ମର୍ଲିନ ନିଜ ନାକ ସାହାଯ୍ୟରେ ସେହି ବଟନଗୁଡ଼ିକୁ ଦବାଇଥାଏ ଏବଂ ସେଥିରୁ କଥା କହିବା ଭଳି ଶବ୍ଦ ଶୁଭିଥାଏ। ଏବେ ଘରେ ପ୍ରାୟ ୨୫ ରୁ ୩୦ଟି ବଟନ ରହିଛି। ସେଥିରେ ୟେସ୍, ନୋ, ଆଇ ଆମ ହଙ୍ଗ୍ରି, ଆଇ ଲଭ୍ ୟୁ, ଆଇ ଆମ୍ ମ୍ୟାଡ୍, ଆଉଟ୍‌ସାଇଡ୍,ଫୁଡ୍ ଭଳି ଅନେକ ବିକଳ୍ପ ରହିଛି। ଭିଡିଓରେ ଦେଖିବାକୁ ମିଳୁଛି, ମର୍ଲିନ ବାରମ୍ବାର 'ଆଇ ଲଭ୍ ୟୁ' ବଟନ ଦବାଇ ମୀନାଙ୍କ ପ୍ରତି ନିଜର ଭଲପାଇବା ଜଣାଉଛି। ଏହାବାଦ କେତେବେଳେ ସେ ଖାଇବାକୁ ମାଗୁଛି ତ କେତେବେଳେ ବାହାରକୁ ଯିବାକୁ ଜିଦ୍ କରୁଛି। ଯଦି ମୀନା ତା' କଥା ନ ମାନନ୍ତି, ତେବେ ସେ 'ଆଇ ଆମ୍ ମ୍ୟାଡ୍'ବଟନ ଦବାଇ ନିଜର ଅସନ୍ତୋଷ ପ୍ରକାଶ କରେ। ମର୍ଲିନର ଭିଡିଓଗୁଡ଼ିକୁ ସୋସିଆଲ ମିଡିଆରେ ଖୁବ୍ ପସନ୍ଦ କରାଯାଉଛି। ନିକଟରେ ଗିନିଜ ୱାର୍ଲ୍ଡ ରେକର୍ଡସ ପକ୍ଷରୁ ଇନ୍‌ଷ୍ଟାଗ୍ରାମ୍‌ରେ ସବୁଠାରୁ ଅଧିକ ଫଲୋଅର୍ସ ଥିବା ଘୁଷୁରି ଭାବେ ମର୍ଲିନକୁ ସ୍ୱୀକୃତି ଦିଆଯାଇଛି। ମର୍ଲିନର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ୧.୧ ମିଲିୟନରୁ ଅଧିକ ଫଲୋଅର୍ସ ଅଛନ୍ତି। ମୀନା କୁହନ୍ତି, ''ମର୍ଲିନ ଆମ ପରିବାରର ସଦସ୍ୟ। ସେ ଘରେ ସୋଫା ଉପରେ ଶୁଏ, ପରିବାର ସହ ସମୟ କଟାଏ ଏବଂ ବାହାରକୁ ବୁଲିବାକୁ ମଧ୍ୟ ଯାଏ। ଏବେ ବାହାରକୁ ଗଲେ ଲୋକେ ତାକୁ ଚିହ୍ନି ପାରୁଛନ୍ତି।''



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ଶ୍ରୀ ସର୍ବଜ୍ଞାଣ

ପ୍ରତ୍ୟେକ ବ୍ୟକ୍ତିର ଇଚ୍ଛା ଲୋକେ ତାକୁ ଜ୍ଞାନୀ ଗୁଣୀଙ୍କ ଭିତରେ ଗଣନା କରନ୍ତୁ। ଯୁଗ ସହ ତାଳ ଦେଇ ଜ୍ଞାନ ଆହରଣର ମାଧ୍ୟମ ମଧ୍ୟ ବଦଳିଛି। ଆଜିକାଲି ଜ୍ଞାନୀ ହେବାକୁ ଆଉ ସେତେ ବେଶି ଜ୍ଞାନର ଆବଶ୍ୟକତା ନାହିଁ। ବୁଦ୍ଧିଜୀବୀ ହେବା ପାଇଁ ଆପଣଙ୍କୁ ପୁସ୍ତକ ପଢିବା କିମ୍ବା ସଦ୍ ଗୁରୁଙ୍କ ପାଖରେ ବିଶେଷ କିଛି ଶିକ୍ଷା ନେବାର ଆବଶ୍ୟକତା ନାହିଁ। ଆପଣଙ୍କୁ କେବଳ ଏକ ସ୍ମାର୍ଟଫୋନ, ନିରନ୍ତର ଚାଲୁଥିବା ଡାଟା ଏବଂ ଆବଶ୍ୟକତାଠାରୁ ପ୍ରଚୁର ଆତ୍ମବିଶ୍ୱାସ ଆବଶ୍ୟକ। ଜ୍ଞାନ ଥାଉ କି ନ ଥାଉ କିନ୍ତୁ ବାକ୍‌ଚତୁରି ଓ ତାକୁ ଉପସ୍ଥାପନା କରିବାର କଳା ଜଣା ଥିଲେ ଜଣେ ଜ୍ଞାନୀ ବୋଲି ନିଜକୁ ପ୍ରମାଣିତ କରିପାରିବ। ସଫଳ ବୁଦ୍ଧିଜୀବୀର ସର୍ବପ୍ରଥମ ଲକ୍ଷଣ ହେଲା ସେ ସବ୍‌ଜାନତା ହୋଇଥିବ। 'ଜାଣିନି' ବୋଲି ଶବ୍ଦଟି ତାଙ୍କ ଅଭିଧାନରେ ନ ଥିବ। କ୍ରିକେଟ ଖେଳଠୁ ନେଇ ପାର୍ଲାମେଣ୍ଟ, ଅର୍ଥନୀତିଠୁ ନେଇ ବିଦେଶ ନୀତି ଓ ଦାମ୍ପତ୍ୟ କଳହଠୁ ନେଇ ବିଶ୍ୱଯୁଦ୍ଧ ଯାଏ ସବୁ ବିଷୟରେ ଅନର୍ଗଳ ପ୍ରବଚନ ଦେଇ ପାରୁଥିବ। ଶାସ୍ତ୍ର କହୁଛି 'ନ ତେନ ପଣ୍ଡିତୋ ହୋତି ଯାବତା ବହୁ ଭାଷତି' ଅର୍ଥାତ୍ ବାବଦୂକ୍ ହେବା ପାଣ୍ଡିତ୍ୟର ଲକ୍ଷଣ ନୁହେଁ । ଏବର ଯୁଗ ଧର୍ମ କହୁଛି ଯଦି ପାଣ୍ଡିତ୍ୟ ଦେଖେଇ ନ ପାରିଲ ତେବେ ପଣ୍ଡିତ ହୋଇ କିଛି ଲାଭ ନାହିଁ । ଇତିହାସରେ ଏମିତି କେତେ ପଣ୍ଡିତ ବଣମଲ୍ଲୀ ଭଳି ବଣରେ ଫୁଟି ସକାଳରେ ଝଡି ଯାଇଛନ୍ତି ତା'ର ହିସାବ କେହି ରଖିନାହାନ୍ତି ।

ଆମ ନରି ଭାଇଙ୍କ ଶିକ୍ଷାଗତ ଯୋଗ୍ୟତା ବିଷୟରେ ଆଗରୁ କହିଛି। ଗତବର୍ଷ ହଠାତ୍ ତାଙ୍କର ଗୋଟେ ଅଦମିତ ଇଚ୍ଛା ଜାଗ୍ରତ ହେଲା । ତାଙ୍କୁ ବି ସମସ୍ତେ ବୁଦ୍ଧିଜୀବୀ କୁହନ୍ତୁ । ସେଥିପାଇଁ ପ୍ରଥମେ ଅନେକ ପ୍ରସିଦ୍ଧ ଦାର୍ଶନିକ, ସାହିତ୍ୟିକଙ୍କ ବହି ଆଣି ଘରେ ସଜେଇ ରଖିଲେ । ପଢ଼ିବା ଅଭ୍ୟାସ ତ ଆଗରୁ ନାହିଁ ତେଣୁ କ'ଣ କରିବେ ଚିନ୍ତା କରି ପ୍ରତି ବହିରୁ କଷ୍ଟେ ମଷ୍ଟେ ଗୋଟିଏ ଦୁଇଟି ପାରା ପଢ଼ିଲେ । ଏମିତି କରି ଚାଳିଶ ପଚାଶ ଖଣ୍ଡ ବହିରୁ ଗୋଟିଏ ପାରା କି ଅତି ବେଶିରେ ଗୋଟିଏ ଲେଖାଏ ପୃଷ୍ଠା ପଢ଼ିଦେଲେ। ଯେଉଁଠି କିଏ ଭେଟ ହେଲେ ନରି ଭାଇ ପ୍ରଥମେ ସବୁ କଥାକୁ ବୁଲେଇ ଆଣି ସେ ପଢିଥିବା କିଛି ଆପ୍ତ ବାକ୍ୟ ଆଡକୁ ଟାଣି ଆଣନ୍ତି । ଏମିତିରେ ମନୋବିଜ୍ଞାନୀ କହିଛନ୍ତି ଜଣେ ବ୍ୟକ୍ତି ଅତି ବେଶିରେ ଅଠର ମିନିଟ ଯାଏ ଧୈର୍ଯ୍ୟର ସହ ଶୁଣିପାରେ ତା'ପରେ ସେ କେବଳ ଶୁଣିବାର ଅଭିନୟ କରେ । ନରି ଭାଇ ଅତି ସାଧାରଣ କଥାକୁ ବୁଲେଇ ବଙ୍କେଇ ପ୍ରାୟ ଅଧଘଣ୍ଟା ଗପିଲା ପରେ ଶୁଣୁଥିବା ଲୋକ ଧୈର୍ଯ୍ୟହରା ହୁଏ । ଗଲା ବେଳେ ଚାପା ଗଳାରେ କୁହେ, ଆମ ନରିଆଟା ବହୁତ ଜ୍ଞାନୀ । କେତେ ବିଷୟରେ ତା'ର ଜ୍ଞାନ ! ନରି ଦିନେ ଆମ ଗାଁ'ର ନାଁ ରଖିବ । ଏମିତି ବି ହୁଏ ବେଳେବେଳେ ଲୋକ ତାଙ୍କ ଛୁଆଙ୍କୁ ଅକାରଣେ ନରି ଭାଇଙ୍କ ଉଦାହରଣ ଦେଇ ବହେ ଛେଚନ୍ତି । ସେ କେତେ ପାଠ ପଢ଼ିଛି ଆଉ ତୁ ବାସ୍ଥୁରା ଭଳି ବୁଲୁଛୁ ।

ସାମାଜିକ ଗଣ ମାଧ୍ୟମରେ ଏବେ ନରି ଭାଇମାନଙ୍କ ଭିଡ଼ ଅଧିକ । ଲାଗେ ଯେମିତି ବିନା ଅଶ୍ୱତ୍ଥ ଗଛ ମୂଳ ତପସ୍ୟାରେ ଏଠି ସମସ୍ତେ ବୁଦ୍ଧତ୍ୱ ପ୍ରାପ୍ତ କରିଛନ୍ତି। ଗଣମାଧ୍ୟମର ବିକାଶ ଯେଉଁ ପରିମାଣରେ ହେଉଛି ସେହି ଅନୁପାତରେ ନରି ଭାଇଙ୍କ ଭଳି ବିଦ୍ୱାନ୍‌ମାନଙ୍କ ସଂଖ୍ୟା ବଢିବାରେ ଲାଗିଛି। ପାଞ୍ଚ ଟଙ୍କାର ମଦ ପିଇ ପଚିଶ ଟଙ୍କାର ରୋଳା କରିବା ଲୋକ ଏଠି ମାଳ ମାଳ । ଯାହାକୁ ଦେଖ ଯୁଆଡେ ଦେଖ ସେଠି ବିଦ୍ୱାନ୍‌ମାନଙ୍କ ଭିଡ଼। ମୋତେ ଯଦି ଜୀବନର ସବୁଠୁ ବଡ଼ ଉପଲବ୍ଧି କ'ଣ ବୋଲି ପଚାରାଯାଏ ତେବେ ମୁଁ ନିଃସନ୍ଦେହରେ କହିବି ମୋ ଫେସ୍‌ବୁକ ବନ୍ଧୁତା । ମୋର ସିନା ପାଠଶାଠ କିଛି ହେଲାନି ହେଲେ ମୁଁ ଯେ ଏତେ ଗଣ୍ୟମାନ୍ୟ, ବିଦ୍ୱାନ୍‌ଙ୍କ ବନ୍ଧୁ ହୋଇପାରିଛି ଏହା କ'ଣ କମ୍ କଥା କି! ନିଇତି ସକାଳୁ ହେଲେ ସେମାନଙ୍କ ସାନ୍ନିଧ ପାଉଛି । ଆଜି ଯଦି ମୋର ଜଗନ୍ନାଥଙ୍କ ମହିମା ବିଷୟରେ କିଛି ବି ଜ୍ଞାନ ହୋଇଛି ତାହା କେବଳ ପ୍ରତିଦିନ ସକାଳୁ ମୋ ପାଖକୁ ଆସୁଥିବା ଗୁଡ୍ ମର୍ନିଂ ମେସେଜର ଭିଡିଓ ଯୋଗୁ। ଆଜି ଯଦି ଅନେକ ମହାପୁରୁଷଙ୍କ ବିଷୟରେ କିଛି ବି ଜାଣିପାରିଛି ତାହା କେବଳ ପ୍ରତିଦିନ ମୋ ଶୁଭେଚ୍ଛୁମାନେ ମହାପୁରୁଷଙ୍କ ଫଟୋ ସହ ପଠାଉଥିବା ନୀତିବାଣୀରୁ ସମ୍ଭବ ହୋଇଛି ।



ଏବର ଯୁଗ କହୁଛି ଆପଣ ଯଦି ମହାକାଶଠାରୁ ମହାଯାତ୍ରା ଯାଏ ସବୁ ବିଷୟରେ ଆପଣଙ୍କ ପାଣ୍ଡିତ୍ୟ ଦେଖେଇ ନ ପାରିଲେ ତେବେ ଆପଣ କେଉଁ ଜ୍ଞାନୀ ଗୁଣୀଙ୍କ ଭିତରେ ଗଣା ନୁହନ୍ତି। ଗୋଟିଏ ବିଷୟରେ ପଣ୍ଡିତ ହେଲେ କେହି ଆଡ଼ ଆଖିରେ ପଚାରିବେନି । ସାମାଜିକ ଗଣମାଧ୍ୟମରେ ଏବେ ବହୁମୁଖୀ ବୁଦ୍ଧିଜୀବୀଙ୍କ ଠେଲାପେଲା ଅଧିକ । ଅର୍ଥନୀତିଠାରୁ ଅନୈତିକ ସମ୍ପର୍କ ଯାଏ ସବୁ ବିଷୟରେ ନିଜ ପାଣ୍ଡିତ୍ୟ ସେମାନେ ଦେଖେଇ ପାରୁଛନ୍ତି । ସଭା ସମିତିରେ ଏହି ଭଳି ବହୁମୁଖୀ ସର୍ବଜ୍ଞ ବିଦ୍ୱାନ୍‌ମାନଙ୍କ ଖାତିର କାହିଁରେ କ'ଣ । ସଭାକୁ ଗୋଟିଏ ବିଷୟର ବିଶେଷଜ୍ଞଙ୍କୁ ଡାକିଲେ ରିସ୍କ ଅଧିକ । ଏମିତିରେ ଆପଣ ଲକ୍ଷ୍ୟ କରିଥିବେ ରୀତି ସାହିତ୍ୟ ଉପରେ ଆୟୋଜିତ ସଭାରେ ବକ୍ତା ଭାଷଣରେ ଭାସୁ ଭାସୁ ଅଧିକାଂଶ ସମୟରେ ରୀତା ନାମ୍ନୀ ସାହିତ୍ୟିକାଙ୍କ ପାଖରେ ପହଞ୍ଚି ଯାଆନ୍ତି । ଏକ୍ଷେତ୍ରରେ ଗୋଟିଏ ବିଷୟରେ ବିଶେଷ ଜ୍ଞାନ ଥିବା ବକ୍ତା ହଡ଼ବଡ଼େଇ ଯିବା ସ୍ୱାଭାବିକ। ହେଲେ ବହୁମୁଖୀ ବୁଦ୍ଧିଜୀବୀ ବକ୍ତା ରୀତି ସାହିତ୍ୟରୁ ସାହିତ୍ୟିକା ରୀତାଙ୍କ ବାଟ ଦେଇ ରମ୍ୟରଚନା ଯାଏ ଗପି ଗପି ଶ୍ରୋତାଙ୍କୁ ଜଳଖିଆ ପୁଡ଼ିଆ ଆସିବା ଯାଏ ବସେଇ ରଖିପାରନ୍ତି । ଥରେ ଏହିଭଳି ଜଣେ ବହୁମୁଖୀ ବୁଦ୍ଧିଜୀବୀଙ୍କ ହାବୁଡ଼ରେ ପଡିଲି । ସେ ପଚାରିଲେ, ମୋର ଲେଖା ପଢ଼ିଲ ? ମୁଁ ମୁଣ୍ଡ କୁଣ୍ଡେଇ ଉତ୍ତର ଦେଲି କେଉଁ ଲେଖା ପଢିବି ! ଆପଣ ତ ପାଠକକୁ ଭଲରେ ପଢି ବୁଝିବା ଯାଏ ଫୁର୍‌ସତ୍ ଦେଉନାହାନ୍ତି । ଗତକାଲି ସକାଳେ ବଜେଟ ଉପରେ ଆପଣଙ୍କ ଲେଖା ପଢି ଦେଶର ଅର୍ଥନୀତିକୁ ବୁଝିବାକୁ ଚେଷ୍ଟା କରିଲା ବେଳକୁ ମଧ୍ୟାହ୍ନରେ କେରଳର ନାବାଳିକା ବଳାତ୍କାର ଘଟଣା ଉପରେ ଆପଣଙ୍କ ତାତ୍ତ୍ୱିକ ବିଶ୍ଳେଷଣ ଲେଖା ଦେଖିଲି । ତାକୁ ଅଧା ପଢ଼ିଛି କି ନାହିଁ ଦେଖିଲା ବେଳକୁ ଠିକ୍ ତା ତଳେ ଭଞ୍ଜ ସାହିତ୍ୟରେ ପୁରୁଷଙ୍କ ଅସ୍ତିତ୍ୱ ଉପରେ ଆପଣ ଆଉ ଗୋଟେ ଗବେଷଣାତ୍ମକ ପ୍ରବନ୍ଧ ପୋଷ୍ଟ କରିଛନ୍ତି । ଭଞ୍ଜ ଓ ତାଙ୍କ ସାହିତ୍ୟ ବିଷୟରେ ଜାଣିବାକୁ କିଛି ସହାୟକ ଗ୍ରନ୍ଥ ଅଣ୍ଡାଳୁଥିବା ବେଳେ ସନ୍ଧ୍ୟାରେ ଦେଖିଲି ଅଣସ୍ତରି ଓ ସତୁରି ମସିହାରେ ଜନ୍ମିତ ସାହିତ୍ୟିକଙ୍କ ଓଡ଼ିଆ ସାହିତ୍ୟକୁ ଦାନ ବିଷୟରେ ଏକ ବିସ୍ତୃତ ଆଲୋଚନା ପୋଷ୍ଟ କରିଛନ୍ତି । ଆଚ୍ଛା ସାର୍ , ମୁଁ ଗୋଟିଏ କଥା ବୁଝି ପାରୁନି । ସାହିତ୍ୟ କେବଳ ଅଣସ୍ତରି ଓ ସତୁରି ମସିହାରେ ଜନ୍ମିତ ବଦାନ୍ୟ କବିଙ୍କ ଠାରୁ ଦାନ ନେଲା, ଆପଣ ଆଉ ଦୁଇ ତିନି ବର୍ଷ ଯୋଡି ଦେଇଥିଲେ ମୁଁ ବି କିଛି ଦାନ ଦେଇପାରିଥାନ୍ତି। ମୋ କଥାକୁ ଅଧାରୁ ଅଟକେଇ କହିଲେ, ଆରେ ସେମିତି କିଛି ନାହିଁ କଥା କ'ଣ କି ମୋ ଜନ୍ମ ଅଣସ୍ତରିରେ ଆଉ ନୂଆ ନୂଆ କବିତା ଲେଖୁଥିବା ମୋ ସାନ ଭାଇର ଜନ୍ମ ସତୁରି ମସିହାରେ । ତେଣୁ ସେହି ଦୁଇବର୍ଷକୁ ନେଇ ଆଲୋଚନା କରିବାକୁ ହେଲା । ହଉ ଏବେ ଫେସ୍‌ବୁକ ଯାଇ ସଦ୍ୟ ପୋଷ୍ଟ କରିଥିବା ମୋର ଏକ ବିଜ୍ଞାନଭିତ୍ତିକ ଲେଖା ପଢି ଝକାସ କମେଣ୍ଟ ଗୋଟେ ଦେଇ ଦେବ । ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି , ତା'ହେଲେ ଆପଣ ବିଜ୍ଞାନଭିତ୍ତିକ ଲେଖାରେ ବି ସିଦ୍ଧହସ୍ତ ! ଗାଡି ଷ୍ଟାର୍ଟ କରି ଯିବା ପୂର୍ବରୁ କହିଲେ, ହଁ, ଛାତରେ ଲୁଗା ଶୁଖେଇବାର ବୈଜ୍ଞାନିକ ପଦ୍ଧତି ଉପରେ ସେ ଲେଖାଟା । ପଢି କମେଣ୍ଟ ଦେବ ।

ଏଇଭଳି ଜ୍ଞାନବର୍ଦ୍ଧକ ଲେଖା ସବୁ ପଢିବା ପାଇଁ ପ୍ରତିଦିନ ହ୍ୱାଟ୍ସଆପ୍‌ରେ କେବେ ଅନୁରୋଧ ନହୁବା ଆଦେଶ ଆସେ । କିଏ ଫେସ୍‌ବୁକ ଲିଙ୍କ ତ କିଏ ସମ୍ପୂର୍ଣ୍ଣ ଲେଖା ପଠାନ୍ତି । ପ୍ରଥମେ ମୋତେ ବିରକ୍ତ ଲାଗୁଥିଲା । କିନ୍ତୁ ପରେ ଭାବିଲି ସେମାନେ ଏ ସ୍ୱଳ୍ପ ପାଠୁଆ ନାମ କା ବାସ୍ତା ବ୍ୟଙ୍ଗକାରକୁ ବୋଧେ ସେମାନଙ୍କ ଠାରୁ ଅଧିକ ଜ୍ଞାନୀ ଓ ଅଧିକ ସୃଜନଶୀଳ ଭାବୁଛନ୍ତି ସେଥିପାଇଁ ସେମାନଙ୍କ ଲେଖା ଉପରେ ମୋ ମତାମତ ଜାଣିବାକୁ ଚାହୁଁଛନ୍ତି। ଏବେ ମୁଁ ବି ପ୍ରତିଦିନ ସକାଳୁ ପଚାଶ ସରିକି ଲୋକଙ୍କୁ ମୋ' ଜ୍ଞାନବର୍ଦ୍ଧକ ଚୂନମରା ଲେଖାସବୁ ବାଣ୍ଟୁଛି। ମୋ ଭଳି ଆରମ୍ଭରେ କେହି କେହି ବିରକ୍ତ ବି ହେଲେ। ମୁଁ ତୁରନ୍ତ ସେମାନଙ୍କୁ କହିଦେଲି ଯେ ସେମାନଙ୍କୁ ମୁଁ ଲବ୍ଧ ପ୍ରତିଷ୍ଠିତ ବୁଦ୍ଧିଜୀବୀ ଓ ମୋ ଠାରୁ ଅଧିକ ଜ୍ଞାନୀ ବୋଲି ଭାବି ମୋ ଲେଖା ପଢିବାକୁ ଅନୁରୋଧ କରୁଛି । ମୋର ଏହି ତୈଳାକ୍ତ ଉତ୍ତର ଶୁଣିଲା ପରେ ସେମାନେ ନିଜ ଆଡୁ ମୋତେ କହିଲେଣି ତାଙ୍କୁ ପ୍ରତିଦିନ ମୋ ଲେଖା ପଠେଇବାକୁ ।

ପେଯ ତୋରାଣି ପେଟେ ପିଇ ବାଘୁଆ ନିଶରେ ଘିଅ ଟିକେ ମାରି ଡେବର କାଢୁଥିବା ଲୋକଙ୍କ ଏବେର ଦୁନିଆ । ବାବା ଗଭୀରାନନ୍ଦ କୁହନ୍ତି, ଜିନିଷ ପଛେ ଭିତରେ ଥାଉ କି ନ ଥାଉ ହେଲେ ବାହାର ପ୍ୟାକିଂ ସୁନ୍ଦର ହୋଇଥିବା ଦରକାର । ବାହାରୁ ଗୋଲଗାଲ ହେଇ ଭିତର ଫମ୍ପା ହେଲେ କିଛି ଅସୁବିଧା ନାହିଁ। ବୁଦ୍ଧି ଥାଉ କି ନ ଥାଉ ହେଲେ ବୁଦ୍ଧିଆ ବୋଲି ଦେଖାଯିବା ନିହାତି ଦରକାର । ମହାକାଳ ଫଳକୁ କିଏ କେବେ ନିନ୍ଦିଥିଲା ସିନା ଏବେ ସେହି ଫଳର ଗୁଣବତ୍ତା କାଳଖଣ୍ଡକୁ ଜୟ କରିପାରିଛି।

*–ବନମାଳୀଭବନ, ଖାନ୍‌ନଗର, କଟକ*
*ମୋ:୯୪୩୭୦୧୦୭୫୮*


## ପୁସ୍ତକ ସମୀକ୍ଷା

### ଇଚ୍ଛାପତ୍ର

**ଔପନ୍ୟାସିକା – ରୋଜାଲିନି ମିଶ୍ର**

**ପ୍ରକାଶକ – ବ୍ଲାକ ଇଗଲ୍ ବୁକ୍ସ, ମୂଲ୍ୟ – ୨୦୦ /–**

ରୋଜାଲିନି ମିଶ୍ରଙ୍କର ଏହି ଉପନ୍ୟାସ 'ଇଚ୍ଛାପତ୍ର' ଆପଣଙ୍କୁ ଶୁଣେଇବ ସତୁରୀ କିମ୍ବା ଅଶୀ ଦଶକର କଥା। ଗୋଟିଏ ସମ୍ଭ୍ରାନ୍ତ ଜମିଦାର ପରିବାରର ଭିତିରି କଥାକୁ ବଖାଣିଛି ଏଇ ଉପନ୍ୟାସ। ଏହି ଉପନ୍ୟାସରେ ଆପଣମାନେ ଭେଟିବେ ଆମେ ଢେର୍ ପଛରେ ଛାଡି ଆସିଥିବା ଆମର ଚଳଣୀକୁ ତଥା ଆମର ପରମ୍ପରାକୁ। ଏହାର ଚରିତ୍ରମାନେ ଠିକ୍ ସେଇଭଳି ଆଉ ସେଇ ସମୟର ମଣିଷ। ମଣିଷଟିଏ ଯେତେ ପ୍ରତିପତ୍ତିଶାଳୀ ହେଉନା କାହିଁକି ସମୟର ଚକ୍ର ତା' ଠାରୁ ଧୀରେ ଧୀରେ ଛଡେଇ ନିଏ ତା'ର ଗର୍ବ , ଅହଂକାର ଆଉ ପାରିବାର ପଣିଆକୁ। ଦିନେ ତାରି କଥାରେ ଉଠ ବସ୍ ହେଉଥିବା ତା'ର ପୂରା ପରିବାର ପାଖରେ ମନକଥାଟି ସିଧାସଳଖ କହି ନପାରି ସେ ଆଶ୍ରା ନିଏ 'ଇଚ୍ଛାପତ୍ର'ର। ଏ ବାର୍ଦ୍ଧକ୍ୟ ସତରେ ବଡ଼ ଅସହାୟ କରିଦିଏ ମଣିଷକୁ !! ଯେମିତି ଅସହାୟ କରିଦେଇଛି ଏ ଉପନ୍ୟାସର ଚରିତ୍ର ରଘୁନାଥ ପ୍ରହରାଜଙ୍କୁ। ତେବେ ନିଜ ଜୀବନର ଅନ୍ତିମ ଚରଣରେ ଠିଆ ହୋଇ କି ଇଚ୍ଛାପତ୍ର ଲେଖିଲେ ପ୍ରହରାଜେ ? ଏ ସବୁର ଉତ୍ତର ଅଛି ଉପନ୍ୟାସ 'ଇଚ୍ଛାପତ୍ର'ରେ।




### ଜନଜାତି ବିଭବ

**ଲେଖିକା: ଡ. ବାସନ୍ତୀ ମହାନ୍ତି , ପ୍ରକାଶକ: ଆଦିତ୍ୟ ଭାରତ ସେକ୍ଟର –୬,ସିଡିଏ, କଟକ –୧୪, ମୂଲ୍ୟ –୨୦୦/**

ଓଡ଼ିଆ ଭାଷା ସାହିତ୍ୟର ଅନ୍ୟତମ ଲେଖିକା ପ୍ରାଧ୍ୟାପିକା ଡ. ବାସନ୍ତୀ ମହାନ୍ତିଙ୍କ ଲିଖିତ ଜନଜାତିକୁ ନେଇ ଏକ ଗବେଷଣା ପୁସ୍ତକ ଆତ୍ମପ୍ରକାଶ କରିଛି। କୋରାପୁଟ ରହଣି କାଳରେ ସେ ଯେଉଁ ଅନୁଭୂତି ସାଉଁଟି ଥିଲେ, ତା'ର ଫଳଶ୍ରୁତି ହେଉଛି ଏଇ ପ୍ରବନ୍ଧ ପୁସ୍ତକ। ଏଥିରେ ଜନଜାତିମାନଙ୍କର ଧର୍ମକୁ ନେଇ ପାଞ୍ଚଟି, ଭାଷାକୁ ନେଇ ଦୁଇଟି, ସାହିତ୍ୟ ଓ ସଂସ୍କୃତିକୁ ନେଇ ପାଞ୍ଚଟି ଏବଂ ନାରୀ ଶୀର୍ଷକକୁ ନେଇ ପାଞ୍ଚଟି ଭିନ୍ନସ୍ୱାଦର ତଥ୍ୟଭିତ୍ତିକ ପ୍ରବନ୍ଧ ସ୍ଥାନ ପାଇଛି। ଏଗୁଡିକୁ ପାଠକଲେ ଜନଜାତିମାନଙ୍କ ବିଷୟରେ ଏକ ସ୍ଥୂଳ ଧାରଣା ପାଠକଙ୍କର ଆସିଯିବ। ଲେଖିକା ବହୁ ଶ୍ରମ କରି ଏଗୁଡ଼ିକୁ ରଚନା କରିବା ସହିତ ସେସବୁକୁ ଏକତ୍ରିତ କରି ଗୋଟିଏ ସ୍ଥାନରେ ରଖି ଦେଇଛନ୍ତି। ଗବେଷଣା ମନସ୍କ ପାଠକପାଠିକାଙ୍କୁ ଏହା ବହୁ ପରିମାଣରେ ଖୋରାକ ଯୋଗାଇବ।



# ସବୁଠୁ ଲମ୍ବା ଟ୍ରାଫିକ୍ ଜାମ୍

**ଟ୍ରା**ଫିକ୍‌ରେ ମାତ୍ର କିଛି ଘଣ୍ଟା ଫସି ରହିବା କଥା କଳ୍ପନା ସୁଦ୍ଧା କରି ହୁଏ ନାହିଁ। ଭାବନ୍ତୁ ତ ଯଦି କୌଣସି ଏକ ଅଜଣା ଜାଗାରେ, ହାଇୱେ ଉପରେ ପାଖାପାଖି ୨ ସପ୍ତାହ ଧରି ଅଟକି ରହିବାକୁ ପଡେ, ଯେଉଁଠି ପାଖରେ ଖାଇବାକୁ ଖାଦ୍ୟ ନ ଥିବ କି ପିଇବାକୁ ପାଣି ନ ଥିବ, ଏପରିକି ଗାଡ଼ିକୁ ପଛକୁ ମୋଡ଼ି ଫେରିଯିବାର କୌଣସି ରାସ୍ତା ବି ନ ଥିବ। ଏଭଳି ସ୍ଥିତିରେ କ'ଣ କରିବେ? ୨୦୧୦ମସିହା ଅଗଷ୍ଟ ମାସରେ ଚାଇନା ନ୍ୟାଶନାଲ ହାଇୱେ ୧୧୦ରେ ଦେଖିବାକୁ ମିଳିଥିଲା ଏଭଳି ଏକ ଟ୍ରାଫିକ୍ ଜାମ୍ ଯେଉଁଥିରେ ଫଶି ରହିଥିଲେ ଲକ୍ଷ ଲକ୍ଷ ଗାଡ଼ି ଚାଳକ। ଦୀର୍ଘ ୧୨ ଦିନ ଧରି ଲାଗି ରହିଥିଲା



ଏହି ଟ୍ରାଫିକ ଜାମ୍ ଏବଂ ସେଠାରେ ସୃଷ୍ଟି ହୋଇଯାଇଥିଲା ଏକ ଅସ୍ଥାୟୀ ଅର୍ଥନୀତି । ଜାମ୍‌ର ଆରମ୍ଭ ଅଗଷ୍ଟ ୧୪ରୁ ହୋଇଥିଲା। ନିର୍ମାଣ କାର୍ଯ୍ୟ ଚାଲିବା ସହ ଭିତର ମଙ୍ଗୋଲିଆରୁ ବେଜିଂକୁ କୋଇଲା ଏବଂ ନିର୍ମାଣ ସାମଗ୍ରୀ ନେଇ ଯାଉଥିବା ଟ୍ରକ୍‌ଗୁଡ଼ିକ ହାଇୱେକୁ ଜାମ୍ କରିଦେଇଥିଲେ। ଏହା ସହ ଛୋଟ ଗାଡ଼ିଗୁଡ଼ିକର ସଂଖ୍ୟା ହଠାତ୍ ବଢ଼ିଯାଇଥିଲା। କର୍ତ୍ତୃପକ୍ଷ କ'ଣ ଘଟିଛି ବୁଝିବା ଏବଂ ଅନ୍ୟ ରାସ୍ତାରୁ ଆସୁଥିବା ଯାନବାହନକୁ ବନ୍ଦ କରିବା ପୂର୍ବରୁ ୧୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଲୋକ ଫସି ରହି ସାରିଥିଲେ। ହାଇୱେ କଡ଼ରେ ଥିବା ସ୍ଥାନୀୟ ଲୋକମାନେ ଏହି ସୁଯୋଗର ଫାଇଦା ଉଠାଇ ଚଳନ୍ତି ଦୋକାନ ଖୋଲି ଖାଦ୍ୟ, ପାଣି ଏବଂ ସିଗାରେଟ ଅତ୍ୟଧିକ ଚଢ଼ା ଦରରେ ବିକ୍ରି କରିବା ଆରମ୍ଭ କଲେ। ଏହି ଭୟଙ୍କର ଟ୍ରାଫିକ୍ ଜାମ୍ ହଟିବା ପାଇଁ ୧୨ ଦିନ ସମୟ ଲାଗିଥିଲା। ଯଦିଓ ଏହାକୁ ଆନୁଷ୍ଠାନିକ ଭାବେ ବିଶ୍ୱର ସବୁଠାରୁ ଲମ୍ବା ଟ୍ରାଫିକ୍ ଜାମ୍ ଭାବେ ସ୍ୱୀକୃତି ମିଳିନାହିଁ, ହେଲେ ଅଧିକାଂଶ ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ, ଏହା ଏହି ଉପାଧି ପାଇବାକୁ ଯୋଗ୍ୟ।

# ଦାନ୍ତରେ ଗଢନ୍ତି ସ୍ଥାପତ୍ୟ

ବ୍ୟାକ୍ ପେଜ୍







**ଗା**ଜରକୁ ଅନେକେ ହୁଏତ ଏକ ସାଧାରଣ ପରିବା ଭାବିପାରନ୍ତି। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ୨୫ ବର୍ଷୀୟା ଯୁବତୀ ଏଇ ସାଧାରଣ ଗାଜରକୁ ନେଇ ଏଭଳି କିଛି କରି ଦେଖାଇଛନ୍ତି ଯାହା ଆଦୌ ବିଶ୍ୱାସଯୋଗ୍ୟ ନୁହେଁ। ସେ ଗାଜରକୁ ନିଜ ଦାନ୍ତରେ ଏତେ ସୂକ୍ଷ୍ମ ଭାବରେ ଖୋଦେଇ କରନ୍ତି ଯେ, ତାହା ଛୋଟ ଛୋଟ ସ୍ଥାପତ୍ୟରେ ପରିଣତ ହୋଇଯାଏ। ଏହି ଯୁବତୀଙ୍କ ନାମ ହେଉଛି ଚେନ୍ କିନ୍। ସେ ଗାଜରରେ ଚାଇନାର ମହାନ୍ ପ୍ରାଚୀର ଏବଂ ୟେଲୋ କ୍ରେନ୍ ଟାୱାର ଭଳି ବିଶ୍ୱ ପ୍ରସିଦ୍ଧ ଅଟ୍ଟାଳିକାର ଅବିକଳ ପ୍ରତିକୃତି ତିଆରି କରିଛନ୍ତି। କେବଳ ସେତିକି ନୁହେଁ, ସେ ଛୋଟ ଛୋଟ ପଶୁପକ୍ଷୀ, କାର୍ଟୁନ ଚରିତ୍ର ଏବଂ ପାରମ୍ପରିକ ଡିଜାଇନ ମଧ୍ୟ ପ୍ରସ୍ତୁତ କରନ୍ତି। ଚେନ୍ କିନ୍ ନିଜକୁ ଇଣ୍ଟରନେଟ୍‌ର ପ୍ରଥମ ଟୁଥ୍ ସ୍କଲ୍‌ପ୍ଟର ବୋଲି କୁହନ୍ତି। ତାଙ୍କ କଳାକୁ ଦେଖି କେହି କେହି ପରିହାସରେ କୁହନ୍ତି, ତାଙ୍କ ପାଟିରେ ବୋଧହୁଏ କୌଣସି 'ଥ୍ରୀଡି ପ୍ରିଣ୍ଟର' ଲୁଚି ରହିଛି। ଆଶ୍ଚର୍ଯ୍ୟର କଥା ହେଉଛି, ସେ ପେସାରେ କଳାକାର ନୁହନ୍ତି। ସେ ଗ୍ରାଫିକ୍ ଡିଜାଇନ ଏବଂ ଥ୍ରୀଡି ମଡେଲିଂ ପଢ଼ିଛନ୍ତି। ହେଲେ ପିଲାଦିନୁ ତାଙ୍କର ପେଣ୍ଟିଂ ପ୍ରତି ସଉକ ଥିଲା। ତାଙ୍କର ଏହି କଳା ୨୦୨୫ ସ୍ପ୍ରିଙ୍ଗ୍ ଫେଷ୍ଟିଭାଲ ସମୟରେ ଆରମ୍ଭ ହୋଇଥିଲା। ଏହି ସମୟରେ ସେ ଥରେ ଗାଜର ଖାଉଥିଲେ ଏବଂ ଅଜାଣତରେ ତାକୁ ଅଲଗା ଅଲଗା ଆକାର ଦେବାକୁ ଲାଗିଲେ। ଏହାପରେ ସେ ଏହାକୁ ଗମ୍ଭୀରତାର ସହ ନେଲେ ଏବଂ ନିରନ୍ତର ଅଭ୍ୟାସ ଦ୍ୱାରା ନିଜ କଳାକୁ ଆହୁରି ଉନ୍ନତ କଲେ। ଚେନ୍ କିନ୍ ଗୋଟିଏ ସ୍ଥାପତ୍ୟ ତିଆରି କରିବା ପାଇଁ ପ୍ରଥମେ ଗାଜରକୁ ଛୁରୀରେ ଛୋଟ ଛୋଟ ଖଣ୍ଡରେ କାଟନ୍ତି, କିନ୍ତୁ ପ୍ରକୃତ କାରୁକାର୍ଯ୍ୟ ସେ ନିଜ ଦାନ୍ତରେ ହିଁ କରନ୍ତି। ଗୋଟିଏ ଜଟିଳ ଏବଂ ସୂକ୍ଷ୍ମ ଡିଜାଇନର ମୂର୍ତ୍ତି ତିଆରି କରିବା ପାଇଁ ତାଙ୍କୁ ପ୍ରାୟ ୧ସପ୍ତାହ ସମୟ ଲାଗିଥାଏ। ଏପର୍ଯ୍ୟନ୍ତ ସେ ୧୦୦ରୁ ଅଧିକ ଗାଜର ମୂର୍ତ୍ତି ତିଆରି କରିସାରିଲେଣି। ତେବେ ଏହି କଳା ଯୋଗୁ କିଛି ପାର୍ଶ୍ୱ ପ୍ରତିକ୍ରିୟା ବା କ୍ଷତି ମଧ୍ୟ ସାମ୍ନାକୁ ଆସିଛି। କ୍ରମାଗତ ଭାବରେ ଦାନ୍ତ ବ୍ୟବହାର କରିବା ଦ୍ୱାରା ତାଙ୍କ ଦାନ୍ତ ଏବଂ ଗାଲରେ ସବୁବେଳେ ଯନ୍ତ୍ରଣା ହୁଏ। କେବଳ ସେତିକି ନୁହେଁ, ତାଙ୍କ ମାଢ଼ି ବା ହନୁ ହାଡ଼ର ଆକାର ମଧ୍ୟ ଟିକେ ବଦଳିଯାଇଛି।

# ଚମତ୍କାରୀ ବୃକ୍ଷ

**ଛ**ତିଶଗଡ଼ର କୋର୍‌ବା ଜିଲାରୁ ପ୍ରାୟ ୨୨ କି.ମି. ଦୂର କୋର୍‌କୋମା ଗାଁରେ ଏଭଳି ଏକ ଗଛ ଅଛି, ଯାହା କୌଣସି ବିସ୍ମୟଠାରୁ କମ୍ ନୁହେଁ। ଏହି ଗଛର ଚେରରୁ କ୍ରମାଗତ ଭାବରେ ନିର୍ମଳ ଏବଂ ଥଣ୍ଡା ପାଣି ପ୍ରବାହିତ ହେଉଛି। ଏହି ପ୍ରାକୃତିକ ଜଳଉତ୍ସ ଗତ ୧୦୦ ବର୍ଷରୁ ଅଧିକ ସମୟ ହେବ ଚାରୋଟି ଗାଁର ଶୋଷ ମେଣ୍ଟାଉଛି। ଗ୍ରାମବାସୀ ଏହାକୁ ଏକ ଦେବସ୍ଥାନ ମାନି ପୂଜା କରନ୍ତି ଏବଂ ଏହି ପାଣିକୁ ସ୍ୱାସ୍ଥ୍ୟବର୍ଦ୍ଧକ ବୋଲି ବିଶ୍ୱାସ କରନ୍ତି। ଏହି ଜଳ ଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳୁଥିବା ମଧ୍ୟ ମାନ୍ୟତା ରହିଛି। ଅର୍ଥାତ୍ ଏହି ଗଛଟି କେବଳ ଏକ ଗଛ ନୁହେଁ, ବରଂ ଗାଁର ଜୀବନରେଖା ପାଲଟିଛି। ଏହି ପାଣିରେ କିଛି ବିଶେଷ ଗୁଣ ବି ରହିଛି। ଏଥିରେ ଗ୍ୟାସ୍, କୋଷ୍ଠକାଠିନ୍ୟ ଏବଂ ମଧୁମେହ ରୋଗରୁ ଆରାମ ମିଳେ। ତା'ସହ ଚର୍ମରୋଗରେ ବି ଉପକାର ମିଳେ। ଯଦିଓ ଏହା ଏକ ବିଶ୍ୱାସ, କିନ୍ତୁ ଗାଁ ଲୋକଙ୍କର ଏହି ପାଣି ଉପରେ ଅତୁଟ ଭରସା ରହିଛି। ଏହି ଗଛକୁ ଗ୍ରାମବାସୀ କେବଳ ଏକ ପ୍ରାକୃତିକ ଉତ୍ସ ଭାବନ୍ତି ନାହିଁ, ବରଂ ଏହାକୁ ଏକ ଦେବସ୍ଥାନର ମାନ୍ୟତା ଦେଇଛନ୍ତି। ଏଠାରେ ନିୟମିତ ପୂଜା ଅର୍ଚ୍ଚନା କରାଯାଏ। ଜଳକୁ ପ୍ରସାଦ ଭଳି ଗ୍ରହଣ କରାଯାଏ। ଏହା ଆସ୍ଥା ଏବଂ ପ୍ରକୃତିର ଏକ ଅନନ୍ୟ ସଙ୍ଗମ।





